ଆଜି - ବୁଧବାର
ତାରିଖ - ୧୨ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୭
ତିଥି - ଅମାବାସ୍ୟା ପକ୍ଷ- କୃଷ୍ଣ
ନକ୍ଷତ୍ର - ପୁଷ୍ୟା, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୦ : ୦୦
ସୂର୍ଯ୍ୟାସ୍ତ - ୬ : ୧୪: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ । କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବାକୁ ନିଷ୍ପତି ନେବା ହିଁ ଶକ୍ତି ।"
- ମହାତ୍ମା ଗାନ୍ଧୀ


E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 120 R.N.I. REGD. No. 44026/86 ବାଲେଶ୍ୱର ୧୨ ଅଗଷ୍ଟ ୨୦୨୬ ବୁଧବାର BALASORE 12 AUGUST 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦







## ଏନଡିଏର ମଙ୍ଗଳ ମିଳନ ବୈଠକରେ ତ୍ରିରଙ୍ଗା ଉଡାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ସଂସଦର ମୌସୁମୀ ଅଧିବେଶନ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏନଡିଏ ଏମ୍‌ପିଙ୍କ ସମାବେଶରେ ଭାଷଣ ଦେବା ପୂର୍ବରୁ ଆଜି ତ୍ରିରଙ୍ଗା ଉତ୍ତୋଳନ କରାଯାଇଥିଲା । 'ବନ୍ଦେ ମାତରମ' ଧ୍ୱନି ସହିତ 'ହର ହର ମହାଦେବ' ଏବଂ 'ଜୟ ଶ୍ରୀ ରାମ' ସ୍ଲୋଗାନ ସହିତ ସମଗ୍ର ସ୍ଥାନରେ 'ବନ୍ଦେ ମାତରମ' ଧ୍ୱନି ଗୁଞ୍ଜରିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହ ତ୍ରିରଙ୍ଗା ଧରିଥିବାର ଦେଖାଯାଇଥିଲା । ଏନଡିଏ ବୈଠକ ପରେ, ଏମ୍‌ପିମାନେ ପାଦରେ ଚାଲି ସଂସଦ ଅଭିମୁଖେ ଯାତ୍ରା କରିଥିଲେ । ସଂସଦରେ ଆଲୋଚନା ଦାବି କରିବା ଏବଂ ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦର ପ୍ରସଙ୍ଗକୁ ଉଜାଗର କରିବା ପାଇଁ ଏହି ପଦଯାତ୍ରା କରାଯାଇଥିଲା । ଏନଡିଏ ଏମ୍‌ପିମାନେ ବିରୋଧୀଙ୍କୁ ଟାର୍ଗେଟ କରି ପୋଷ୍ଟର ପ୍ରଦର୍ଶନ କରିଥିଲେ । ଏହି ପୋଷ୍ଟରରେ କୁହାଯାଇଥିଲା ଯେ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଛାତ୍ର ପ୍ରତିବାଦ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ । କିନ୍ତୁ ବିରୋଧୀ ଏଥିରୁ ଦୂରେଇ ଯାଉଛନ୍ତି । ଭାଜପା ଏମ୍‌ପି ଭିଡି ଶର୍ମା ଝାଡ଼ଖଣ୍ଡରେ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ ପାଇଁ ରାହୁଲ ଗାନ୍ଧୀଙ୍କୁ ଉତର ଦେବାକୁ ଦାବି କରିଥିଲେ । ଏହା ଉଲ୍ଲେଖନୀୟ ଯେ, ସଂସଦୀୟ ଅଚଳାବସ୍ଥା ଜାରି ରହିଛି । ବିରୋଧୀ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ ଏବଂ ରାମ ମନ୍ଦିର ଦାନ ଚୋରି ଅଭିଯୋଗ ସମ୍ପର୍କରେ ଅମିତ ଶାହାଙ୍କଠାରୁ ଜବାବ ମାଗୁଛନ୍ତି । ଏହି ଅଚଳାବସ୍ଥା ମଧ୍ୟରେ ସରକାର ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଅମିତ ଶାହ ଜବାବ ଦେବାକୁ ପ୍ରସ୍ତୁତ । ଯଦି ବିରୋଧୀ ଦଳ ଶୁଣିବାକୁ ଏବଂ ଆଲୋଚନା ଆରମ୍ଭ କରିବାକୁ ଅନୁମତି ଦେବାକୁ ଇଚ୍ଛୁକ ହୁଅନ୍ତି ।

## ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ଆଲିଶାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ପଟାଙ୍ଗୀ : କୋରାପୁଟଜିଲ୍ଲାପଟାଙ୍ଗୀ ବ୍ଲକର ରାଲେଗୋଡ଼ର ସୁଉଚ୍ଚ ପାହାଡ଼ ଘେରାରେ ବଢ଼ିଥିବା ଜଣେ ଝିଅ ଦିନେ ଯେଉଁ ବଡ଼ ସ୍ୱପ୍ନ ଦେଖିଥିଲେ, ନିଜର ପରିଶ୍ରମ ବଳରେ ତାହା ଆଜି ପୂରା କରିଛନ୍ତି । ବଳରାମ ପାଙ୍ଗୀଙ୍କ ଝିଅ ଆଲିଶା ରାଣୀ ପାଙ୍ଗୀ ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ସେହି ସ୍ୱପ୍ନକୁ ସାକାର କରିପାରିଛନ୍ତି । ଆଦିବାସୀ ଅଂଚଳରୁ ବାହାରି ସେ ଆଜି ଓଡ଼ିଶା ସରକାରଙ୍କ ଅଧୀନରେ କନିଷ୍ଠ ଯନ୍ତ୍ରୀ ହୋଇପାରିଛନ୍ତି । ଆଲିଶାଙ୍କ ପାଇଁ ଏହା କେବଳ ଏକ ଚାକିରି ନୁହେଁ, ବରଂ ବର୍ଷ ବର୍ଷର ନିରବଚ୍ଛିନ୍ନ ସାଧନା, ଶିକ୍ଷା ଏବଂ ନିଷ୍ଠାର ଫଳ । ସୁଯୋଗ ମିଳିଲେ ଓଡ଼ିଶାର ସୁଦୂର ଅଂଚଳରୁ ମଧ୍ୟ ପ୍ରତିଭାମାନେ ଆଗକୁ ଆସି ନିଜ ସ୍ୱପ୍ନ ପୂରଣ କରିପାରିବେ, ଏହା ହିଁ ପ୍ରମାଣିତ ହୋଇଛି । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ମାଲକାନଗିରି RWS&S ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇ ଆଲିଶା ଏବେ ଜନସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି । ୨୦୨୬ ଅଗଷ୍ଟ ୧୦ ତାରିଖ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ଆଲିଶାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ



କରିଥିଲେ । ପଟାଙ୍ଗୀ ଭଳି ଏକ ସୁଦୂର ଅଂଚଳରୁ ଆସି ସେହି ଭବ୍ୟ ମଂଚରେ ଛିଡ଼ା ହେବା ଆଲିଶାଙ୍କ ପାଇଁ ଏକ ଅଭୁଲା ମୁହୂର୍ତ୍ତ ଥିଲା । ଏହାପରେ ସେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ଏବଂ ନିଯୁକ୍ତି ପତ୍ର ଗ୍ରହଣ କରିବା, ଏହି ଦୁଇଟି ମୁହୂର୍ତ୍ତ ମଧ୍ୟରେ ଲୁଚି ରହିଥିଲା ଏକ ସଂଘର୍ଷପୂର୍ଣ୍ଣ ଯାତ୍ରା: ସ୍ୱପ୍ନରୁ ସଫଳତା, କୋରାପୁଟରୁ ରାଜ୍ୟ ସେବାର ଏକ ଅଭୂତପୂର୍ବ ଅଭିଯାତ୍ରା । ତାଙ୍କ ହସ ପଛରେ ଥିଲା ପରିବାରର ଆଶା ଏବଂ ଭୌଗୋଳିକ ସୀମାରେଖାକୁ ପଛରେ ପକାଇ ଆଗକୁ ବଢ଼ିବାର ଦୃଢ଼ ସଙ୍କଳ୍ପ । ଆଲିଶାଙ୍କ ଏହି ସଫଳତା କେବଳ ତାଙ୍କର ବ୍ୟକ୍ତିଗତ ନୁହେଁ; ବରଂ ଏହା ଆଗାମୀ ପିଢ଼ି ପାଇଁ ଏକ ବଡ଼ ବାର୍ତ୍ତା । କୋରାପୁଟ, ମାଲକାନଗିରି, କନ୍ଧମାଳ କିମ୍ବା ଓଡ଼ିଶାର ଅନ୍ୟାନ୍ୟ ଗ୍ରାମାଂଚଳର ଝିଅମାନଙ୍କ ପାଇଁ ତାଙ୍କ ଯାତ୍ରା ଏହା ପ୍ରମାଣ କରେ ଯେ: ତୁମେ କେଉଁଠାରୁ ଆରମ୍ଭ କରିଛ ତାହା ନୁହେଁ, ତୁମେ କେତେ ଦୂର ଯାଇପାରିବ ତାହା ତୁମ ସଙ୍କଳ୍ପ ହିଁ ସ୍ଥିର କରେ । ସୂଚନାଯୋଗ୍ୟ, ଏହି ନିଯୁକ୍ତି ମେଳାରେ ୯ଟି ବିଭାଗର ମୋଟ ୧,୩୨୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା, ଯେଉଁଥିରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୬୪ ଜଣ ରହିଛନ୍ତି । ଏହି ନୂତନ ନିଯୁକ୍ତିଗୁଡ଼ିକ ଓଡ଼ିଶାର ବିକାଶ ଯାତ୍ରାରେ ଯୁବପିଢ଼ିଙ୍କ ସହଭାଗିତାକୁ ଆହୁରି ସୁଦୃଢ଼ କରିବ । ଜଣେ ଯନ୍ତ୍ରୀ ଭାବରେ ଆଲିଶାଙ୍କ ଏହି ନିଯୁକ୍ତି ତାଙ୍କୁ କେବଳ ଆତ୍ମନିର୍ଭରଶୀଳ କରିନାହିଁ, ବରଂ ନିଜ ଦକ୍ଷତା ମାଧ୍ୟମରେ ସାଧାରଣ ଜନତାଙ୍କ ସେବା କରିବା ଏବଂ ଭିତିଭୂମିର ବିକାଶରେ ଯୋଗଦାନ ଦେବାର ଏକ ବଡ଼ ସୁଯୋଗ ଆଣିଦେଇଛି । ଆଜି ପଟାଙ୍ଗୀ, କୋରାପୁଟ କିମ୍ବା ମାଲକାନଗିରିର କୌଣସି ଶ୍ରେଣୀଗୃହରେ ବସିଥିବା ଜଣେ ଛୋଟ ଝିଅ ଆଲିଶାଙ୍କୁ ଦେଖି ନିଜ ଭିତରେ ବିଶ୍ୱାସ ସାଉଁଟୁଥିବ— 'ଦିନେ ମୁଁ ମଧ୍ୟ ସେଠାରେ ପହଂଚିପାରିବି ।' ଗୋଟିଏ ସୁଯୋଗ ଜୀବନ ବଦଳାଇଦେଇପାରେ, ଗୋଟିଏ ସଫଳତା ସମଗ୍ର ସମାଜକୁ ପ୍ରେରଣା ଦେଇପାରେ, ଏବଂ ଜଣେ ଯୁବତୀଙ୍କ ସଂଘର୍ଷର ଯାତ୍ରା ହଜାର ହଜାର ସ୍ୱପ୍ନକୁ ଡେଣା ଦେଇପାରେ ।

## ଖୁବଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ଗଠନ କରାଯିବ : ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ଖୁବଶୀଘ୍ର ଗଠନ ହେବ ଲୋକାୟୁକ୍ତ । ରାଜ୍ୟ ଅତିଥି ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ବୈଠକରେ ଲୋକାୟୁକ୍ତ ଗଠନ ପ୍ରକ୍ରିୟାକୁ ନେଇ ଆଲୋଚନା ହୋଇଥିବା ବେଳେ ଖୁବଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ଗଠନ କରାଯିବ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଲୋକାୟୁକ୍ତ ନିଯୁକ୍ତି ନେଇ ବୈଠକ ବସିଲା ଅର୍ଥ ପ୍ରକ୍ରିୟା ଆରମ୍ଭ ହେଲା । ଖୁବଶୀଘ୍ର ପ୍ରକ୍ରିୟା ସମାପ୍ତ ହେବ । ଯେଉଁ ସାମ୍ବିଧାନିକ ବ୍ୟବସ୍ଥା ଅଛି ସେଥିରେ ମୁଖ୍ୟମନ୍ତ୍ରୀ,



ବିଧାନସଭାର ବାଚସ୍ପତି, ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ନିଷ୍ପତି ନେଇଥାନ୍ତି । ପ୍ରଥମ ମିଟିଂ ହୋଇଗଲାଣି, ଏହା ବହୁମତ ଆଧାରରେ ହୁଏ । ଆଶା କରୁଛୁ ଆଗାମୀ ଦିନରେ ଓଡ଼ିଶା ନୂଆ ଲୋକାୟୁକ୍ତ ଦେଖିବ । ରାଜସ୍ୱ ମନ୍ତ୍ରୀ ଆହୁରି କହିଛନ୍ତି ଯେ, ବିରୋଧୀ ଯଦି କହୁଛନ୍ତି ବିଳମ୍ବ ହୋଇଗଲା, ତାହେଲେ ସେମାନେ କୁହନ୍ତୁ ୨୪ ବର୍ଷ ଲମ୍ବା ସମୟ ନା ୨ ବର୍ଷ ଲମ୍ବା ସମୟ । କ୍ଷମତାରୁ ଚ୍ୟୁତ ହୋଇ ୨ ବର୍ଷ ଲମ୍ବା ଲାଗୁଛି । ୨୪ ବର୍ଷରେ ଯାହା କରିନ ୨ ବର୍ଷରେ ତାହା କରୁଛୁ । ୫ ବର୍ଷରେ ଯାହା କରିବୁ ତାହା ବିରୋଧୀ କଳ୍ପନା କରିନଥିବେ । ଦୁର୍ନୀତି ବିରୋଧରେ ସରକାରଙ୍କ ଲଢ଼େଇକୁ ଆହୁରି ମଜବୁତ କରିବା ଦିଗରେ ଲୋକାୟୁକ୍ତ ଗଠନ ଏକ ବଡ଼ ପଦକ୍ଷେପ ।

## ମୁନ୍ ବେସ୍ ପ୍ରୋଗ୍ରାମରେ ଯୋଗଦେବାକୁ ଇସ୍ରୋକୁ ନାସାର ଆମନ୍ତ୍ରଣ

ନୂଆଦିଲ୍ଲୀ: ଭାରତ ଏବଂ ଆମେରିକାମଧ୍ୟରେ ମହାକାଶ ଗବେଷଣା ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ସାମ୍ନାକୁ ଆସିଛି । ଆର୍ଟେମିସ୍ ଆକର୍ଡସ ଅଧୀନରେ ନିଜର ''ମୁନ୍ ବେସ୍ ପ୍ରୋଗ୍ରାମ''ରେ ଯୋଗଦେବା ପାଇଁ ଆମେରିକାର ମହାକାଶ ଗବେଷଣା ସଂସ୍ଥା ''ନାସା'' ଭାରତୀୟ ମହାକାଶ ଗବେଷଣା ସଂସ୍ଥା ''ଇସ୍ରୋ''କୁ ଆମନ୍ତ୍ରଣ କରିଛି । ଆମେରିକା ଦୂତାବାସ ପକ୍ଷରୁ ମଙ୍ଗଳବାର ଏହି ସୂଚନା




ଦିଆଯାଇଛି । ଏହାସହ ବେସାମରିକ ମହାକାଶ ଅଭିଯାନ ପାଇଁ ଖୋଲା ବୈଜ୍ଞାନିକ ତଥ୍ୟ ଆଦାନପ୍ରଦାନ ଉପରେ ଆଲୋଚନାକୁ ଆଗକୁ ନେବା ପାଇଁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଛନ୍ତି । ଅଗଷ୍ଟ ୫ ଏବଂ ୬ ତାରିଖରେ ବାଙ୍ଗାଲୋରସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଅନୁଷ୍ଠିତ ୯ମ ଭାରତ-ଆମେରିକା ବେସାମରିକ ମହାକାଶ ଯୁଗ୍ମ କାର୍ଯ୍ୟକାରୀ ଦଳ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହି ବୈଠକରେ ଉଭୟ ଦେଶ ବେସାମରିକ ଓ ବାଣିଜ୍ୟିକ ମହାକାଶ ସହଯୋଗ, ଭବିଷ୍ୟତର ବୈଜ୍ଞାନିକ ଅଭିଯାନ ଏବଂ ମାନବ ମହାକାଶ ଯାତ୍ରା ପ୍ରଯୁକ୍ତିବିଦ୍ୟା ଭାଗିଦାରୀ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି ।

### ଅଳ୍ପରେ ଖବର

- ଖୁବ୍ ଶୀଘ୍ର ଓଡ଼ିଶା ଦେଖିବ ନୂଆ ଲୋକାୟୁକ୍ତ । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।
- ଦେଶଭକ୍ତିର ଭାବନା ଓ ଉତ୍ସାହର ସହ ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ବିଶାଳ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଛି ।
- ଆସାମର ୧୦ଟି ଜିଲ୍ଲାର ୧୨୬୪୩୧ ଜଣ ଲୋକ ଏବେ ବି ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏହି ସମୟରେ ଆଉ ଏକ ମୃତଦେହ ମିଳିଛି । ବନ୍ୟାରେ ସବୁକିଛି ହରାଇଥିବା ଲୋକମାନେ ନିଜ ଘର ପୁନଃନିର୍ମାଣ କରିବାକୁ ଚେଷ୍ଟା କରୁଛନ୍ତି ।

## ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର-ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ଟ୍ରେନ

ଭୁବନେଶ୍ୱର : ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର – ଚର୍ଲାପଲ୍ଲୀ ମଧ୍ୟରେ ଏକ ସ୍ପେଶାଲ୍ ଏକ୍ସପ୍ରେସ୍ ପରିଚାଳନା



କରାଯିବ । ଟ୍ରେନ୍ ନଂ ୦୮୩୦୯ ସମ୍ବଲପୁର–ଚର୍ଲାପଲ୍ଲୀ ସ୍ପେଶାଲ୍ ଏକ୍ସପ୍ରେସ୍ ୧୪ ଅଗଷ୍ଟ ୨୦୨୬ (ଶୁକ୍ରବାର) ୧୧:୪୫ ଘଂଟାରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରି ୧୫ ଅଗଷ୍ଟ ୨୦୨୬ ଶନିବାର ଦିନ ୧୧:୩୦ ଘଂଟାରେ ଚର୍ଲାପଲ୍ଲୀରେ ପହଂଚିବ । ଏହି ସ୍ପେଶାଲ୍ ଟ୍ରେନ ବରଗଡ ରୋଡ୍, ବଲାଙ୍ଗୀର, ଟିଟଲାଗଡ, କେସିଙ୍ଗା, ମୁନିଗୁଡା, ରାୟଗଡା, ପାର୍ବତୀପୁରମ୍ ଟାଉନ୍, ବବିଲି, ବିଜୟନଗରମ୍, କୋଟାଭାଲାସା, ପେଣ୍ଡୁରଟି, ସିମ୍ହାଚଲମ ଉତର, ଦୁଭାଡା, ସାମଲକୋଟ, ରାଜମହେନ୍ଦ୍ରୀ, ବିଜୟୱାଡା ଜଙ୍କସନ, ଗୁଂଟୁର, ମିରାୟଲାଗୁଡା ଏବଂ ନାଲଗୋଣ୍ଡା ଷ୍ଟେସନରେ ରହଣି କରିବ, ଯାହା ଏହି ସମସ୍ତ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସୁବିଧାଜନକ ସଂଯୋଗ ପ୍ରଦାନ କରିବ । ଏହି ସ୍ପେଶାଲ୍ ଟ୍ରେନରେ ମୋଟ ୨୧ ଟି ବଗି ରହିବ । ସେଥିମଧ୍ୟରେ ୧୨ଟି ସ୍ଲିପର୍ ଶ୍ରେଣୀ ବଗି, ୬ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି, ୧ଟି ଦ୍ୱିତୀୟ ଏସି ବଗି ଏବଂ ୨ଟି ଲଗେଜ୍-ସହ-ଦିବ୍ୟାଙ୍ଗ ଅନୁକୂଳ କୋଚ୍ ସାମିଲ ରହିବ, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା ସୁନିଶ୍ଚିତ କରିବ । ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ ।

## ଲାଲକିଲ୍ଲାରେ ପ୍ରଥମ ଥର ଗୁଞ୍ଜରିତ ହେବ ବନ୍ଦେ ମାତରମ୍

ନୂଆଦିଲ୍ଲୀ: ୨୦୨୬ ଅଗଷ୍ଟ ୧୫ରେ ଭାରତ ପାଳନ କରିବ ୮୦ତମ ସ୍ୱାଧୀନତା ଦିବସ । ଚଳିତବର୍ଷ ଦିଲ୍ଲୀର ଲାଲକିଲ୍ଲାରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର ରହିବ । ପ୍ରଥମଥର ପାଇଁ ଲାଲକିଲ୍ଲାର ପ୍ରାଚୀରରୁ ଗୁଞ୍ଜରିତ ହେବ ଦେଶର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' । ୨୦୨୬ରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ହେଉଥିବାରୁ ଏହି ଅବସରରେ ଏହାକୁ ବିଶେଷ ସମ୍ମାନ ଦିଆଯିବ । ସ୍ୱାଧୀନତା ଆନ୍ଦୋଳନ ସମୟରେ 'ବନ୍ଦେ ମାତରମ୍' ଲୋକଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ଭାବନା ଜାଗ୍ରତ କରିବାରେ ବଡ଼ ଭୂମିକା ନେଇଥିଲା । ଚଳିତବର୍ଷ ସ୍ୱାଧୀନତା ଦିବସ ସମାରୋହରେ ଦେଶର ଯୁବପିଢ଼ିଙ୍କୁ ବିଶେଷ ସ୍ଥାନ ଦିଆଯାଇଛି । Gen-Z ସମେତ ବିଭିନ୍ନ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ଯୁବକ-ଯୁବତୀଙ୍କୁ ଲାଲକିଲ୍ଲା ସମାରୋହକୁ ନିମନ୍ତ୍ରଣ କରାଯାଇଛି । ୨୦୨୬ର ଫିଜିକ୍ସ, କେମିଷ୍ଟ୍ରି, ବାୟୋଲୋଜି ଓ



ମ୍ୟାଥମେଟିକ୍ସ ଅଲିମ୍ପିଆଡ୍‌ରେ ପଦକ ଜିତିଥିବା ୧୯ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ସମାରୋହରେ ସାମିଲ କରାଯିବ । ସେମାନଙ୍କୁ ଲାଲକିଲ୍ଲାର ପ୍ରାଚୀର ଉପରେ ବସିବାର ସୁଯୋଗ ମିଳିବ । ଅଗଷ୍ଟ ୧୫ରେ ବର୍ଷାର ସମ୍ଭାବନାକୁ ନଜରରେ ରଖି ଅତିଥିମାନଙ୍କ ପାଇଁ ରେନ୍ ପୋଂଟୋ ବ୍ୟବସ୍ଥା କରାଯାଇଛି । ମାଧବ ଦାସ ପାର୍କ ଓ ୧୫ ଅଗଷ୍ଟ ପାର୍କରେ ଆସୁଥିବା ଲୋକଙ୍କ ପାଇଁ ମଧ୍ୟ ଏହି ବ୍ୟବସ୍ଥା ରହିବ । ଲାଲକିଲ୍ଲା ଓ ଏହାର ଆଖପାଖ ଅଂଚଳରେ ଜଳ ଜମିବା ରୋକିବା ପାଇଁ ଡ୍ରେନେଜ୍ ଓ ସିୱେଜ୍ ବ୍ୟବସ୍ଥାର ସଫେଇ କରାଯାଇଛି । ସମାରୋହ ଶେଷ ହେବା ପରେ ଲାଲକିଲ୍ଲାରେ ସ୍ୱଚ୍ଛତା ଅଭିଯାନ ମଧ୍ୟ ଚାଲିବ । ଏଥିରେ ଘଉଡ କ୍ୟାଡେଟ୍ ଓ ମୋ ଭାରତର ସ୍ୱେଚ୍ଛାସେବୀମାନେ ସାମିଲ ହେବେ । ଦର୍ଶକମାନେ ଫେରିଯିବା ପରେ ତୁରନ୍ତ ଆବର୍ଜନା ସଫା କରାଯିବ ଏବଂ ପ୍ଲଗିଂ ମଧ୍ୟ କରାଯିବ । ଏହା ମାଧ୍ୟମରେ ସ୍ୱଚ୍ଛ ଭାରତର ବାର୍ତ୍ତା ଦିଆଯିବ । ସମାରୋହ ପରେ ଲାଲକିଲ୍ଲାକୁ ଯଥାଶୀଘ୍ର ସାଧାରଣ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଚେଷ୍ଟା କରାଯିବ । ଚଳିତବର୍ଷ ସମାରୋହରେ ଅତିଥିଙ୍କ ବସିବା ସ୍ଥାନଗୁଡ଼ିକର ନାମ ଭାରତର ପ୍ରମୁଖ ଝିଲ୍ଲୀଗୁଡ଼ିକର ନାମରେ ରଖାଯିବ । ଏହା ପୂର୍ବରୁ ୨୦୨୬ ଗଣତନ୍ତ୍ର ଦିବସରେ ବସିବା ସ୍ଥାନଗୁଡ଼ିକର ନାମ ନଦୀଗୁଡ଼ିକର ନାମରେ ରଖାଯାଇଥିଲା । ଠଓଚ ସଂସ୍କୃତିକୁ କମାଇବା ସହ ଜଳ ସଂରକ୍ଷଣର ଗୁରୁତ୍ୱ ବିଷୟରେ ବାର୍ତ୍ତା ଦେବା ଏହାର ଉଦ୍ଦେଶ୍ୟ । 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ବ୍ୟାଣ୍ଡ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେନା, ନୌସେନା, ବାୟୁସେନା, ତଟରକ୍ଷୀ ବାହିନୀ, NCC, CRPF, ITBP, CISF, BSF, SSB, RPF ଓ ଆସାମ ରାଇଫଲ୍ସର ବ୍ୟାଣ୍ଡ ୩୪୩ଟି ପ୍ରମୁଖ ସ୍ଥାନରେ ପ୍ରଦର୍ଶନ କରିବେ ।



# ଫକୀରମୋହନ ବିଶ୍ୱବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତା ଉପରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ "କୃତ୍ରିମ ବୁଦ୍ଧିମତାର ପରିଚୟ: ଧାରଣା, ପ୍ରୟୋଗ ଓ ନୈତିକତା" ଶୀର୍ଷକ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଅଗଷ୍ଟ ୧୦ରେ ଉଦ୍‌ଘାଟିତ ହୋଇଛି । ଅଗଷ୍ଟ ୧୦ରୁ ୧୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ୬୦ରୁ ଅଧିକ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରୁଛନ୍ତି ।



ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପ ଅନୁସାରେ ଜାତୀୟ ଶିକ୍ଷା ନୀତି–୨୦୨୦ର ଲକ୍ଷ୍ୟ ସହ ସମନ୍ୱୟ ରଖି ମହାବିଦ୍ୟାଳୟ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତାକୁ ମୂଲ୍ୟବର୍ଦ୍ଧିତ ପାଠ୍ୟକ୍ରମ ଭାବେ ସାମିଲ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଏହା ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ସହ ମହାବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଓ ପ୍ରଯୁକ୍ତିଭିତ୍ତିକ ଶିକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟ ରହିଛି । ଉଦ୍‌?ଘାଟନୀ ଅଧିବେଶନରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ଅରୁଣ କୁମାର ନାଏକ ସ୍ୱାଗତ ଭାଷଣ ଦେଇଥିଲେ । ସ୍ନାତକୋତର କମ୍ପ୍ୟୁଟର ବିଜ୍ଞାନ ବିଭାଗର ସଂଯୋଜକ ଡ଼କ୍ଟର ମିନତୀ ମିଶ୍ର କାର୍ଯ୍ୟକ୍ରମର ରୂପରେଖା ଉପସ୍ଥାପନ କରିଥିଲେ । ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଅଧ୍ୟାପକମାନଙ୍କ ନିରନ୍ତର ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିବାବେଳେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍‌?. କେ. ଉଦ୍‌?ଗତା ଶିକ୍ଷା ଓ ଗବେଷଣାରେ ଏ.ଆଇ ର ବଢୁଥିବା ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା ଉଚ୍ଚଶିକ୍ଷାରେ ଏ.ଆଇ ର ଦାୟିତ୍ୱଶୀଳ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତାର ମୌଳିକ ଧାରଣା, ଯନ୍ତ୍ର ଶିକ୍ଷଣ, ଗଭୀର ଶିକ୍ଷଣ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, କମ୍ପ୍ୟୁଟର ଭିଜନ୍ ଓ ବିଭିନ୍ନ ଶିକ୍ଷା, ଗବେଷଣା ଓ ବୃତିଗତ କ୍ଷେତ୍ରରେ ଏ.ଆଇ ର ପ୍ରୟୋଗ ଉପରେ ତାଲିମ ଦିଆଯିବ । ଏଥିସହ ଚାଟ୍‌ଜିପିଟି, ଜେମିନି, କୋପାଇଲଟ୍ ଆଦି ଆଧୁନିକ ଏଆଇ ଉପକରଣର ବ୍ୟବହାରିକ ଜ୍ଞାନ ଏବଂ ନୈତିକ ଓ ଦାୟିତ୍ୱଶୀଳ ଏ.ଆଇ ବ୍ୟବହାର ଉପରେ ମଧ୍ୟ ତାଲିମ ପ୍ରଦାନ କରାଯିବ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି ପଦକ୍ଷେପ ମାଧ୍ୟମରେ ମହାବିଦ୍ୟାଳୟ ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ଏ.ଆଇ ସଂପର୍କିତ ଜ୍ଞାନ ସହ ବ୍ୟାବହାରିକ ଦକ୍ଷତା ବୃଦ୍ଧି ସହ ଏନ୍‌?ଇପି–୨୦୨୦ ଅନୁରୂପ ଗୁଣାତ୍ମକ, ପ୍ରଯୁକ୍ତିସମ୍ପନ୍ନ ଓ ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବାନେଇ ଆଶାବ୍ୟକ୍ତ କରାଯାଇଛି ।

## 'ହର ଘର ତିରଙ୍ଗା' ଓ 'ବିଭାଜନ ବିଭୀଷିକା ସ୍ମୃତି ଦିବସ'କୁ ନେଇ ବାଲେଶ୍ୱରରେ ଆରମ୍ଭ ହେଲା ଚାରି ଦିନିଆ ଚିତ୍ରକଳା-ଭାସ୍କର୍ଯ୍ୟ କର୍ମଶାଳା

ବାଲେଶ୍ୱର,(ନି.ପ୍ର.) "ହର ଘର ତିରଙ୍ଗା–୨୦୨୬" ଏବଂ "ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌?ର ୧୫୦ତମ ବର୍ଷପୂର୍ତି ଅଭିଯାନ" ଅବସରରେ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟ ପରିସରରେ "ହର ଘର ତିରଙ୍ଗା–୨୦୨୬" ଏବଂ "ବିଭାଜନ ବିଭୀଷିକା ସ୍ମୃତି ଦିବସ" ବିଷୟବସ୍ତୁକୁ ଆଧାର କରି ଏକ ଚିତ୍ରକଳା ଓ ଭାସ୍କର୍ଯ୍ୟ କର୍ମଶାଳା ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ପୂର୍ବାହ୍ନ ୧୦.୪୫ ଘଟିକାରେ ଆୟୋଜିତ ଉଦ୍‌?ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଏବଂ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ଉପସ୍ଥିତ ଥିଲେ ।ଅତିଥିମାନେ ନିଜ ଅଭିଭାଷଣରେ ଦେଶପ୍ରେମ, ଜାତୀୟ ଏକତା ଏବଂ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ନୂତନ ପିଢ଼ି ମଧ୍ୟରେ ପହଂଚାଇବାରେ କଳା ଓ ସଂସ୍କୃତିର ଭୂମିକା



ଉପରେ ଆଲୋକପାତ କରିଥିଲେ । କର୍ମଶାଳା ମାଧ୍ୟମରେ ଶିଳ୍ପୀମାନେ ନିଜ ସୃଜନଶୀଳତା ଦ୍ୱାରା ଦେଶଭକ୍ତି ଓ ଇତିହାସର ବିଭିନ୍ନ ଦିଗକୁ ଚିତ୍ର ଓ ଭାସ୍କର୍ଯ୍ୟରେ ରୂପାୟିତ କରିବେ ବୋଲି କୁହାଯାଇଥିଲା ।ଆସନ୍ତା ୧୪ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାରେ ବିଭିନ୍ନ ଶିଳ୍ପୀ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରୁଛନ୍ତି । କର୍ମଶାଳାରେ ପ୍ରସ୍ତୁତ ଚିତ୍ରକଳା ଓ ଭାସ୍କର୍ଯ୍ୟଗୁଡ଼ିକୁ ସ୍ୱାଧୀନତା ଦିବସ ଅବସରରେ ଆସନ୍ତା ୧୫ ଅଗଷ୍ଟରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମାଧ୍ୟମରେ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ କରାଯିବ ।

## ରେମୁଣାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ରେମୁଣା ଏନ୍ଏସି ଅନ୍ତର୍ଗତ ମନ୍ଦିର ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଶୋଭାଯାତ୍ରା ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ହାତିଆଗଣ୍ଡ ଛକ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ "ଘରେ ଘରେ ତ୍ରିରଙ୍ଗା" ଆହ୍ୱାନକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଲୋକେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରା ବିଶେଷ କରି ଲୋକମାନଙ୍କ ମନରେ ଦେଶପ୍ରେମର ଉତ୍ସାହକୁ ବୃଦ୍ଧି କରିଥିଲା ।



ଏହି ଅବସରରେ ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଗିରିଧାରୀ ଦାସ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ବିଜେପି ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ, କାଉନ୍ସିଲର୍ ଶିବୁନ ରାୟ, ହେମବତୀ ବେହେରା, ମିନାକ୍ଷୀ ବେହେରାଙ୍କ ସମେତ ବରିଷ୍ଠ ବ୍ୟକ୍ତି ସରୋଜ ବେହେରା, ଜୟନ୍ତ ମଣ୍ଡଳ, ହରିହର ବେହେରା, ଅନନ୍ତ ସାହୁ, ନାରାୟଣ ପ୍ରସାଦ ଦାସ, ସଞ୍ଜୟ ସେଠୀ, ସରୋଜ ଦାସ, ଅନନ୍ତ ବାରିକ, କୌଶିକ ବେହେରା, ମନୋରଞ୍ଜନ ବେହେରା, ଜୟନ୍ତୀ ପାତ୍ର ଇତ୍ୟାଦି ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ ।

## ଓଡ଼ିଆ ଗବେଷକ ସନ୍ତୋଷ କୁମାର ନାୟକଙ୍କୁ ଚନ୍ଦ୍ର କୁମାର ମହାନ୍ତିଙ୍କ କବିତା ଉପରେ ଗବେଷଣା ପାଇଁ ପାଇଲେ ଆନ୍ତର୍ଜାତିକ ସମ୍ମାନ

ବାଲେଶ୍ୱର,(ନି.ପ୍ର.): ଓଡ଼ିଆ ଗବେଷକ ଓ ଅଧ୍ୟାପକ ସନ୍ତୋଷ କୁମାର ନାୟକ ବିଶିଷ୍ଟ କବି ସ୍ୱର୍ଗତ ଚନ୍ଦ୍ର କୁମାର ମହାନ୍ତିଙ୍କ ଓଡ଼ିଆ କବିତା ଉପରେ ତାଙ୍କର ଗବେଷଣା କାର୍ଯ୍ୟ ପାଇଁ ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ।



ତାଙ୍କର ଇଂଲିଶ ଗବେଷଣା ପ୍ରବନ୍ଧ "The Road That Outlives Its Own End: Liminal Consciousness, Apophatic Seeking, and the Philosophy of Infinite Arrival in Chandra Kumar Mohanty's Sari Saru Nathiba Bata" ଆନ୍ତର୍ଜାତିକ ସ୍ତରର ପିୟର-ରିଭ୍ୟୁଡ୍ ଓ ସୂଚୀଭୁକ୍ତ ଗବେଷଣା ପତ୍ରିକା International Journal of Humanities and Social Sciences Research Studies (IJHSSRS) ରେ ପ୍ରକାଶ ପାଇଛି ।ଏହି ଉଲ୍ଲେଖନୀୟ ଗବେଷଣା ଅବଦାନ ପାଇଁ ପତ୍ରିକାର ସମ୍ପାଦକୀୟ ବୋର୍ଡ ସନ୍ତୋଷ କୁମାର ନାୟକଙ୍କୁ ସର୍ଟିଫିକେଟ୍ ଅଫ୍ ପବ୍ଲିକେସନ୍ ପ୍ରଦାନ କରି ସମ୍ମାନିତ କରିଛି । ଏହି ଗବେଷଣା ସ୍ୱର୍ଗତ ଚନ୍ଦ୍ର କୁମାର ମହାନ୍ତିଙ୍କ ଚର୍ଚ୍ଚିତ କବିତା 'ସରି ସରୁ ନଥିବା ବାଟ' ଉପରେ ଆଧାରିତ ।ଏହି ଗବେଷଣା ପ୍ରବନ୍ଧରେ କବିତାଟିର ଅସ୍ତିତ୍ୱବାଦୀ, ଦାର୍ଶନିକ, ଭାଷାତାତ୍ତ୍ୱିକ ଓ ଅଧିବିଦ୍ୟାମୂଳକ ଦିଗଗୁଡ଼ିକର ଏକ ବ୍ୟାପକ ଓ ବହୁମାତ୍ରିକ ବିଶ୍ଳେଷଣ କରାଯାଇଛି । ନାୟକ ତାଙ୍କ ଅଧ୍ୟୟନରେ ଦର୍ଶାଇଛନ୍ତି ଯେ, ଏହି କବିତାଟି କେବଳ ସାହିତ୍ୟିକ ଅଭିବ୍ୟକ୍ତି ନୁହେଁ, ବରଂ ମାନବ ଚେତନା, ଅନନ୍ତ ଅନ୍ୱେଷଣ, ଅସମ୍ପୂର୍ଣ୍ଣତା ଓ ସତ୍ୟ ସନ୍ଧାନର ଏକ ଗଭୀର ଦାର୍ଶନିକ ଚିନ୍ତନ । ଜୁଲାଇ–ଅଗଷ୍ଟ ୨୦୨୬ ସଂଖ୍ୟାରେ ପ୍ରକାଶିତ ଏହି ଗବେଷଣା ପ୍ରବନ୍ଧରେ ଚନ୍ଦ୍ର କୁମାର ମହାନ୍ତିଙ୍କ କାବ୍ୟଦୃଷ୍ଟିକୁ ବିଶ୍ୱ ସାହିତ୍ୟ, ତୁଳନାତ୍ମକ କାବ୍ୟତତ୍ତ୍ୱ, ଫେନୋମେନୋଲୋଜି, ଅସ୍ତିତ୍ୱବାଦୀ ଦର୍ଶନ ଏବଂ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ପ୍ରସଙ୍ଗରେ ବିଶ୍ଳେଷଣ କରାଯାଇଛି । ଏହା ଆଧୁନିକ ଓଡ଼ିଆ କବିତାର ସାର୍ବଜନୀନ ଗୁରୁତ୍ୱକୁ ବିଶ୍ୱ ପରିସରରେ ପ୍ରତିଷ୍ଠିତ କରିଛି ।ବାଲେଶ୍ୱର ଜିଲ୍ଲାରେ ୧୯୯୦ରେ ଜନ୍ମିତ ସନ୍ତୋଷ କୁମାର ନାୟକ ବର୍ତମାନ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ବିଭାଗରେ ସହକାରୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି ।ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ ଏହି ସଫଳତାକୁ ଓଡ଼ିଶା ପାଇଁ ଏକ ଗୌରବମୟ ମୁହୂର୍ତ ଭାବେ ସ୍ୱାଗତ କରାଯାଇଛି । ଏହି ଆନ୍ତର୍ଜାତିକ ସ୍ୱୀକୃତି ଓଡ଼ିଆ ସାହିତ୍ୟର ସମୃଦ୍ଧିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ସହ ସ୍ୱର୍ଗତ ଚନ୍ଦ୍ର କୁମାର ମହାନ୍ତିଙ୍କ ସୃଜନଶୀଳ ଅବଦାନକୁ ଅଧିକ ବ୍ୟାପକ ପାଠକବର୍ଗଙ୍କ ନିକଟରେ ପହଂଚାଇବ ବୋଲି ମତ ପ୍ରକାଶ ପାଇଛି । ଚନ୍ଦ୍ର କୁମାର ମହାନ୍ତିଙ୍କ ଅନୁରାଗୀ, ସାହିତ୍ୟିକ ଓ ଗବେଷକମାନଙ୍କ ସହିତ ତାଙ୍କର କବି-ପୁତ୍ର ତଥା ସାହିତ୍ୟିକ ଉତରାଧିକାରୀ ଉତ୍ପଳ ମହାନ୍ତି ସନ୍ତୋଷ କୁମାର ନାୟକଙ୍କୁ ଏହି ବିରଳ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏପରି ଗବେଷଣାମୂଳକ କାର୍ଯ୍ୟ ଭବିଷ୍ୟତରେ ଓଡ଼ିଆ ସାହିତ୍ୟକୁ ଆନ୍ତର୍ଜାତିକ ଏକାଡେମିକ୍ ପରିସରରେ ଆହୁରି ସୁଦୃଢ଼ ସ୍ଥାନ ପ୍ରଦାନ କରିବ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲାର ନୀଳଗିରି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନୀଳଗିରି ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୮୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୭୨ ଗୋଟି ବ୍ୟକ୍ତିଗତ ଓ ୯ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ନୀଳଗିରି ବିଡିଓ ବିକ୍ରମ ପରିଡ଼ା ଏବଂ ନୀଳଗିରି ଭାରପ୍ରାପ୍ତ ତହସିଲଦାର ଶ୍ରୀମତୀ ଶୁଭଶ୍ରୀ ଜେନାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ



## ବାଲେଶ୍ୱର ସହରର ବସଷ୍ଟାଣ୍ଡ ପରିସରରେ ସହଦେବଖୁଂଟା ମାର୍କେଟ କମ୍ପ୍ଲେକ୍ସର ଦୋକାନଗୁଡ଼ିକୁ ଆବଂଟନ କଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହରର ସହଦେବଖୁଂଟା ଠାରେ ବସଷ୍ଟାଣ୍ଡର ନବକଳେବର କାର୍ଯ୍ୟ ସମୟରେ ସେହି ପରିସରରେ ବ୍ୟବସାୟ ଚଳାଉଥିବା ବ୍ୟବସାୟୀମାନଙ୍କ ପାଇଁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା । ଆଂଚଳିକ ପରିବହନ ବିଭାଗ ସହଯୋଗରେ ହିତାଧିକାରୀ ଚୟନ ସହ ଦୋକାନ ଘରଗୁଡିକ ଆବଂଟନ କରାଯାଇଛି । ଏହି ନବନିର୍ମିତ ସହଦେବଖୁଂଟା ମାର୍କେଟ କମ୍ପ୍ଲେକ୍ସର ଉଦଘାଟନ ସହ ଦୋକାନଗୁଡିକୁ ପୂର୍ବରୁ ଚୟନ ହୋଇଥିବା ହିତାଧିକାରୀଙ୍କୁ ଆବଂଟନ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବସଷ୍ଟାଣ୍ଡ ପରିସରରେ ପୂର୍ବରୁ ଅସ୍ଥାୟୀ ରୂପେ ବ୍ୟବସାୟ ଚଳାଇଥିବା ବ୍ୟବସାୟୀଙ୍କୁ ଏକ ସ୍ଥାୟୀ ଠିକଣା ମିଳିପାରିଛି ବୋଲି କହିଥିଲେ । ଦୋକାନୀମାନେ ଦୀର୍ଘ ବର୍ଷ ଧରି ରାସ୍ତା କଡରେ ବ୍ୟବସାୟ ଚଳାଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ । ସହଦେବଖୁଂଟା ମାର୍କେଟ କମ୍ପ୍ଲେକ୍ସର ସ୍ଥାୟୀ ଦୋକନ ଘରେ ଅଧିକ ସୁରକ୍ଷିତ ତଥା ସମ୍ମାନଜନକ ସ୍ଥିତିରେ ଜୀବିକା ଅର୍ଜନ ସହିତ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବନର ଦିଗରେ ନୂତନ ପଥ ପ୍ରଶସ୍ତ କରିବ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ ୪୬ଜଣ ହିତାଧିକାରୀଙ୍କୁ ସେମାନଙ୍କ ଦୋକାନୀ ଆବଂଟନ ଚୁକ୍ତିପତ୍ର ପ୍ରଦାନ କରିଥିଲେ । ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୋକାନୀମାନଙ୍କୁ ବ୍ୟବସାୟିକ ସଫଳତା କାମନା କରିଥିଲେ । ବାଲେଶ୍ୱର ଆଂଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ ଏଥିରେ ପୌରହିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌର ପରିଷଦରେ ସାଂସଦଙ୍କ ପ୍ରତିନିଧି ଚିତରଞ୍ଜନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ଶତପଥୀ, କାଉନସିଲର ନିରୂପମା ଦାଶ, ଦେବାଶିଷ ସିଂ, ରାଧାକୃଷ୍ଣ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।



## ଆନ୍ତଃଜିଲ୍ଲା ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାଶ ୪ ଗିରଫ, ୪ ଚୋରା ବାଇକ୍ ଓ ୨ ମୋବାଇଲ୍ ଜବତ

ବାଲେଶ୍ୱର,(ନି.ପ୍ର.)ହ୍ରିତିକ ନାୟକ : ବାଲେଶ୍ୱର ସହଦେବଖୁା ଥାନା ପୋଲିସକୁ ମିଳିଛି ବଡ଼ ସଫଳତା । ବାଲେଶ୍ୱର ସମେତ ପଡ଼ୋଶୀ ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ସକ୍ରିୟ ଥିବା ଏକ ଆନ୍ତଃଜିଲ୍ଲା ବାଇକ୍ ଚୋରି ଓ ବେଆଇନ୍ ମଦ କାରବାର ରାକେଟ୍‌?ର ପର୍ଦ୍ଦାଫାଶ କରିଛି ପୋଲିସ । ଘଟଣାରେ ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୪ଟି ଚୋରା ବାଇକ୍ ଓ ୨ଟି ମୋବାଇଲ୍ ଫୋନ୍ ଜବତ ହୋଇଛି ।ପୋଲିସ ସୂଚନା ଅନୁଯାୟୀ, ଆଜି ଭୋର ପ୍ରାୟ ୫ଟା ସମୟରେ ହରିପୁର ଛକ ନିକଟରେ ପୋଲିସ ପେଟ୍ରୋଲିଂ ଓ ଯାଂଚ କରୁଥିବା ବେଳେ ନମ୍ବର ପ୍ଲେଟ୍ ନଥିବା ଏକ ବାଇକ୍‌କୁ ଅଟକାଇଥିଲା । ବାଇକ୍ ଚାଳକ ବିଶ୍ୱଜିତ୍ ଜେନା ଓରଫ୍ ବୁବୁ (୨୫)କୁ କାବୁ କରି ପଚରାଉଚରା କରିବା ପରେ ତା'ର ସହଯୋଗୀମାନଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା ।ଏହାପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଉ ୩ଟି ଚୋରା ବାଇକ୍ ଜବତ କରିବା ସହ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଧୂସୁଳି ଅଂଚଳର ବିଶ୍ୱଜିତ୍ ଜେନା ଓରଫ୍ ବୁବୁ (୨୫), ମାନସିଂହ ବାଜାର ଅଂଚଳର ବିଶ୍ୱଜିତ୍ ଭଣ୍ଡାରୀ ଓରଫ୍ ବାବୁ (୨୬), ଗୋପୀନାଥପୁର ଅଂଚଳର ଜଗନ୍ନାଥ ଦାସ ଓରଫ୍ ଜଗା (୨୯) ଏବଂ ମାଛଡ଼ିହା ଅଂଚଳର ମକର ଚରଣ ଜେନା (୨୫) ।ପୋଲିସର ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବେଆଇନ୍ ମଦ କାରବାର ସମେତ ଏକାଧିକ ଅପରାଧିକ ମାମଲା ରହିଛି । ଏନେଇ ସହଦେବଖୁା ଥାନାରେ କେସ୍ ନମ୍ବର ୩୪୯/୨୦୨୬ରେ ମାମଲା ରୁଜୁ ହୋଇଛି । ଘଟଣାରେ ଆହୁରି କିଛି ତଥ୍ୟ ଓ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ପୋଲିସର ତଦନ୍ତ ଜାରି ରହିଛି ।



## ଅଗଷ୍ଟ ୧୫ରେ ବାଲେଶ୍ୱରରେ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ

ବାଲେଶ୍ୱର,(ନି.ପ୍ର.) ହ୍ରିତିକ ନାୟକ: ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୫ ତାରିଖରେ ବାଲେଶ୍ୱରରେ ସ୍ୱଦେଶ ସଂଗ୍ରାମ ଫାଉଣ୍ଡେସନ୍ ପକ୍ଷରୁ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଅବସରରେ ଦେଶପ୍ରେମ, ଜାତୀୟ ଏକତା ଓ ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହେବ । ଏନେଇ ମଙ୍ଗଳବାର ବାଲେଶ୍ୱର ଉଦ୍ୟୋଗ ଭବନରେ ଫାଉଣ୍ଡେସନ୍ ପକ୍ଷରୁ ଏକ ପ୍ରେସ୍‌?ମିଟ୍‌? ଅନୁଷ୍ଠିତ ହୋଇଥିଲା । ଫାଉଣ୍ଡେସନ୍‌ର ଚେୟାରମ୍ୟାନ୍ ସଂଗ୍ରାମ ଦାସ କହିଥିଲେ ଯେ, ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତାବୋଧ ଜାଗ୍ରତ କରିବା ସହ ଦେଶର ଅଖଣ୍ଡତା ଓ ଏକତାର ବାର୍ତା ପହଂଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ବାଲେଶ୍ୱରବାସୀ ଓ ଦେଶପ୍ରେମୀ ନାଗରିକମାନେ ବହୁ ସଂଖ୍ୟାରେ ଯୋଗଦେବାକୁ ଫାଉଣ୍ଡେସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି ।ଏହି ପ୍ରେସ୍‌?ମିଟ୍‌?ରେ ସଭାପତି ଅସିତ କୁମାର ଦାସ ଓ ସାଧାରଣ ସଂପାଦକ ଶ୍ରୀମାନ ଶ୍ରୀଚନ୍ଦନ ଙ୍କ ସମେତ ସୁଜୟ ଆଚାର୍ଯ୍ୟ,ସୀମନ ଦାସମହାପାତ୍ର, ସତ୍ୟପ୍ରକାଶ ପତି, ଜୟଦେବ ଖୁିଆ, ଅନୁପମ ମିଶ୍ର, ସମରେଶ ସାମଲ,



ନିରଞ୍ଜନ, ତପସ ପାଣିଗ୍ରାହୀ,ସୌଭାଗ୍ୟ ମାନସ ନାୟକ , ବିକାଶ ପାଢ଼ୀ,ହୃତିକ ନାୟକ, ଜୟରାମ ଦାସ, ସମ୍ମିତ ସାବନ ବିଶ୍ୱାଳ, ରାମଚନ୍ଦ୍ର ସେଠୀ, ଅଜୟ ପ୍ରଧାନ, ସିଦ୍ଧାର୍ଥ କୁଇଲି, ଅନିନ୍ତ୍ୟ ଦାସ, ସୁବର୍ଣ୍ଣ କେଶରୀ ସାମଲ, ସଲିମ ସୁବାଶ, ବିଶ୍ୱଜିତ ପ୍ରମାଣିକ, ଜ୍ୟୋତି ସାମଲ, ଯଜ୍ଞସେନୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜୀବନ ସଂଗ୍ରାମ ମିଶ୍ର, ସୁଶୀଲ ପଣ୍ଡା ଓ ରାଜେଶ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ‘ହର ଘର ତ୍ରିରଙ୍ଗା’ ଅବସରରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ରାଲି




ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାରେ ଏକ ଭବ୍ୟ ଜିଲ୍ଲା ସ୍ତରୀୟ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୯.୩୦ ମିନିଟ୍ ସମୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇ ନଗର ପରିକ୍ରମା କରି ଦୁର୍ଗାପ୍ରସାଦ ଖେଳପଡ଼ିଆ ପର୍ଯ୍ୟନ୍ତ ଯାଇ ପୁନଶ୍ଚ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହା ସଫଳତାର ସହ ସମ୍ପନ୍ନ ହୋଇଯାଇଛି କ୍ଷ ଏହି ତ୍ରିରଙ୍ଗା ରାଲିରେ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ ଶ୍ରୀ କର୍ଣ୍ଣଦେବ ସମାଦ୍ଦାର, ପୌରାଧକ୍ଷା ଶ୍ରୀମତୀ ନିରୁପମା ଖଟେଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ସୁଜାତା କୁମାରୀ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ । ଏହି ଶୋଭା ଯାତ୍ରାରେ ପ୍ରାୟ ୨୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା, ଯାହାକୁ ଛାତ୍ରଛାତ୍ରୀ, ଅଧିକାରୀ ଓ ଜନସାଧାରଣ ଅତ୍ୟନ୍ତ ଗୌରବର ସହ ବହନ କରି ନଗର ପରିକ୍ରମା କରିଥିଲେ । ଏହି ଅବସରରେ ପ୍ରାୟ ୩,୦୦୦ ଲୋକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ଭାବନାକୁ ପ୍ରତ୍ୟେକ ନାଗରିକଙ୍କ ମନରେ ଜାଗ୍ରତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ରାଲି ମାଧ୍ୟମରେ ଆହ୍ୱାନ କରାଯାଇଛି ।

# ୧୭ତମ ରାଜା ଅନୁପ ସିଂ ଦେଓ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ: ଚତୁର୍ଥ ଦିନରେ କଂଟାବାଞ୍ଜି ବିଜୟୀ

ନୂଆପଡ଼ା (ନି.ପ୍ର): ଐତିହାସିକ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଖେଳ ପଡ଼ିଆଠାରେ ଚାଲିଥିବା ପ୍ରସିଦ୍ଧ ୧୭ ତମ ରାଜା ଅନୁପ ସିଂ ଦେଓ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟର ଚତୁର୍ଥ ଦିବସରେ ଏକ ରୋମାଂଚକର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି କଡ଼ା ମୁକାବିଲାରେ କଂଟାବାଞ୍ଜି ଦଳ ଖଡ଼ିଆଳ ଦଳକୁ ୨-୧ ଗୋଲରେ ପରାସ୍ତ କରି ବିଜୟ ହାସଲ କରିଛି । ମ୍ୟାଚର ଆରମ୍ଭରୁ ହିଁ ଦୁଇ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ଖେଳାଳିମାନଙ୍କ ଉଚ୍ଚକୋଟୀର କ୍ରୀଡ଼ାନୈପୁଣ୍ୟ ଏବଂ ଚିତାକର୍ଷକ ଗୋଲ କରିବାର ପ୍ରୟାସ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କଂଟାବାଞ୍ଜି ଦଳ ୨ଟି ଗୋଲ ଦେଇ ନିଜର ଆଧିପତ୍ୟ ବିସ୍ତାର କରିଥିବା ବେଳେ ଖଡ଼ିଆଳ ଦଳ ମାତ୍ର ୧ଟି ଗୋଲ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ଶେଷରେ ୨-୧ ଗୋଲରେ କଂଟାବାଞ୍ଜି ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଏହି ସ୍ମରଣୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାତ୍ମା ଗାନ୍ଧୀ କଲେଜର ନିର୍ଦ୍ଦେଶିକା ରୁବୀ ପ୍ରଧାନ, ପୁରାତନ ଫୁଟବଲ ଖେଳାଳି ଛବି ସାଗର ଏବଂ ଯୁବ ସମାଜସେବୀ ହେମନ୍ତ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ପରିଚୟ ପର୍ବ ଶେଷ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଂଚଳିକ ସ୍ତରରେ କ୍ରୀଡ଼ାର ବିକାଶ ଓ ଯୁବ ପ୍ରତିଭାଙ୍କୁ ଆଗକୁ ଆଣିବାରେ ଏହିପରି ଟୁର୍ଣ୍ଣାମେଂଟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଖେଳକୁ ଦେଖିବା ପାଇଁ ପଡ଼ିଆରେ ଅନେକ କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା । ଆୟୋଜକ କମିଟିର ସୁପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ।

# ଚକ୍ଷୁ ଚିକିତ୍ସା ଅଧିକାରୀ ପଦବୀ ଖାଲି, ହନ୍ତସନ୍ତ ହେଉଛନ୍ତି ରୋଗୀ

ନୂଆପଡ଼ା(ନିପ୍ର): ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଗତ ୩୦.୦୬.୨୬ ରେ ଚକ୍ଷୁ ଚିକିତ୍ସା ଅଧିକାରୀ ମଳୟ କିଶୋର ମହାନ୍ତି ଅବସର ଗ୍ରହଣ କରିବା ପରେ ଏହି ପଦବୀ ଏପର୍ଯ୍ୟନ୍ତ ଖାଲି ପଡ଼ିଛି । ଫଳରେ ୧ ମାସ ୧୧ ଦିନ ଧରି ଚକ୍ଷୁ ବିଭାଗ ଠପ୍ ହୋଇ ରହିଛି । ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଦୈନିକ ୨୫ ରୁ ୩୦ ଜଣ ଚକ୍ଷୁ ରୋଗୀ ଆସିଥାନ୍ତି । ଟେକ୍ନିକ ସିଆନ ଅଧିକାରୀ ନଥିବାରୁ ସେମାନେ ବିନା ଚିକିତ୍ସାରେ ଫେରି ଯାଉଛନ୍ତି । ଖଡ଼ିଆଳ, ସିନାପାଲି, ବୋଡେନ ଓ ଆଖପାଖ ଅଂଚଳର ଗରିବ ରୋଗୀମାନେ ଏଠାରେ ଉପଚାର ପାଇଁ ଆସିଥାନ୍ତି । କିନ୍ତୁ ବର୍ତ୍ତମାନ ସେମାନଙ୍କୁ ବୁର୍ଲା କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପଡୁଥିବାରୁ ଅତିରିକ୍ତ ଖର୍ଚ୍ଚ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ବୟସ୍କ ଓ ଅଭାବୀ ରୋଗୀ ମାନେ କହିଛନ୍ତି, ‘ଆଖିରେ ସମସ୍ୟା ହୋଇ ଆସୁଛୁ, ଟେକନି ସିଆନ ନଥିବାରୁ ଔଷଧ ବି ମିଳୁନି । ବାଧ୍ୟ ହୋଇ ଘରକୁ ଫେରୁଛୁ ।’ ଏହି ସମସ୍ୟାକୁ ନେଇ ସ୍ଥାନୀୟ ସାମାଜିକ ସଂଗଠନ ଓ ସାଧାରଣ ଜନତା ପକ୍ଷରୁ ତୁରନ୍ତ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଚକ୍ଷୁ ଚିକିତ୍ସା ଅଧିକାରୀଙ୍କ ନିଯୁକ୍ତି ପାଇଁ ଦାବି ହୋଇଛି । ସେମାନେ କହିଛନ୍ତି, ଏକ ମାସ ୧୧ ଦିନ ଧରି ପଦବୀ ଖାଲି ରହିବା ଯୋଗୁ ଜନସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହେଉଛି । ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଳୟର ଇନ ଚାର୍ଜ ଡାକ୍ତର ରଞ୍ଜିତ କୁମାର ରାଉତଙ୍କୁ ଯୋଗାଯୋଗ କରାଯିବାରୁ ଏ ବିଷୟରେ ମୁଁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଛି ଅତିଶିଘ୍ର ନିଯୁକ୍ତି ହେବେ ବୋଲି କହିଛନ୍ତି ।

# ୮୦ତମ ସ୍ୱାଧିନତା ଦିବସ ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ଜଳେଶ୍ୱର(ନିପ୍ର): ଗତ ୧୦ତାରିଖ ସନ୍ଧ୍ୟା ୫ ଘଟିକା ସମୟରେ ନୂଆବଜାର ସ୍ଥିତ ଶୋଭା କଲ୍ୟାଣ ମଣ୍ଡପ ରେ ଜଳେଶ୍ୱର ବିକାଶ ପରିଷଦ ର ସଭାପତି କମଳ ଚକ୍ରବର୍ତ୍ତୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଅଛି । ଏଥିରେ ଜଳେଶ୍ୱର ବିକାଶ ପରିଷଦ, କଳା ଓ କଳାକାର ବିକାଶ ପରିଷଦ ଓ ଜଳେଶ୍ୱର ଅଟୋ ଟୋଟୋ ସଂଘ, ନିଖିଳ ଓଡ଼ିଶା କର୍ମଚାରୀ ସଂଘ ଓ ଆଶା ସଂଘର ପ୍ରତିନିଧି ମାନେ ଉପସ୍ଥିତ ରହି ଗତ ୯ ତାରିଖ ଠାରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପାଳନ କରିବା ସହିତ ୮୦ ତମ ସ୍ୱାଧିନତା ଦିବସ କୁ ମହା ଆଡମ୍ବର ରେ ନୂଆବଜାର୍ ସ୍ଥିତ ଇଣ୍ଡୋ ଷ୍ଟାଡିୟମ୍ ପାଖରେ ସକାଳ ୮ ଘଟିକା ସମୟରେ ପତାକା ଉତୋଳନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଗଠିତ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ପୌରପରିଷଦ ର କାର୍ଯ୍ୟକାରି ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଯୋଗ ଦେବାକୁ ସ୍ୱଦେୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଜଳେଶ୍ୱର ବିକାଶ ପରିଷଦର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ସୌଭିକ କୁମାର ଜେନା, କଳା ଓ କଳାକାର ବିକାଶ ପରିଷଦ ର ଉପସଭାପତି ସୁଦାମ ଚରଣ ପାତ୍ର, ଜଳେଶ୍ୱର ଅଟୋ ଟୋଟୋ ସଂଘ ର ସଭାପତି ଅକ୍ଷୟ ପାତ୍ର, ସମ୍ପାଦକ ସଞ୍ଜୟ ଦାସ, କୋଷାଧ୍ୟକ୍ଷ ପଦ୍ମଲୋଚନ ମଣ୍ଡଳ, ଉପସଭାପତି ରବିନ୍ଦ୍ର ଦାସ, ସିଦ୍ଧେଶ୍ୱର ନାୟକ, ଅଙ୍ଗନୱାଡ଼ି କର୍ମୀ ସଂଘର ମ୍ୟୁନିସିପାଲଟି ସଭାପତି ତୃପ୍ତି ରାଣୀ ମହାନ୍ତି, ମୁକୁନ୍ଦ ପଣ୍ଡା, ମନ୍ମୋଥ ଜେନା, ଅକ୍ଷୟ ପାତ୍ର, ଚନ୍ଦନ କୁମାର ଦତ, ରାଜକିଶୋର ଦାସ, ରୁଦ୍ର ଦାସ, ବିଶ୍ୱଜିତ୍ ଜେନା, ଦିପୁ ପାତ୍ର, ଅନନ୍ତ କୁମାର ଦାସ, ପ୍ରଶାନ୍ତ କୁମାର ଜେନା, ଟୁକନ୍ ପାତ୍ର, ସୁକୁମାର ଦେ, ତପନ ପାତ୍ର, ଭାସ୍କର ଦାସ, ଗୋପାଳ ଜେନା, ଶ୍ରୀତମ କୁମାର ପାତ୍ର, ରାଜକିଶୋର ଦାସ, ଲକ୍ଷ୍ମୀକାନ୍ତ ଗୁଚ୍ଛାୟତ, ସଞ୍ଜୟ ପଣ୍ଡା, ଈଶ୍ୱର ଦାସ, ଆଲୋକ ଭଞ୍ଜ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ ପରିଶେଷରେ ପ୍ରିୟରଞ୍ଜନ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜାତୀୟ ରାଜପଥରେ ଜଳିଲା ପାର୍ସଲ କଂଟେନର

ସିମୁଳିଆ(ନିପ୍ର): ସିମୁଳିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ପାର୍ସଲ କଂଟେନରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ କ୍ଷ ସୂଚନାର ପ୍ରକାଶ ବିଳମ୍ବିତ ରାତିରେ ପାର୍ସଲ କଟଟେନରରେ ଅଗ୍ନିକାଣ୍ଡ ଘଟି ଧୂଆଁ ବାହାରିବାରୁ ଡ୍ରାଇଭର ଜଣକ ଜାଣି ପାରି କଂଟେନରଟିକୁ ସିମୁଳିଆ ଆଇଟିଆଇ ଅଫିସ ନିକଟରେ ଅଟକାଇଥିଲେ । ପରେ ଧୂଆଁ ବାହାରୁ ଥିବାର ଦେଖି ଅଡ଼ା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଅଡ଼ା, ଭଦ୍ରକ ଅଗ୍ନିଶମ ବିଭାଗ ଅଧିକାରୀ ମାନେ ପହଂଚି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ବହୁ ସମୟ ଧରି ଜଳୁ ଥିବାର ଦେଖିବାକୁ ମିଳିଛି କ୍ଷ ଏହି କଂଟେନର ଭିତରେ ବିଭିନ୍ନ ପ୍ରକାରର ବହୁ ମୂଲ୍ୟବାନ ପାର୍ସଲ ରହିଥିଲା । ଏହି କଂଟେନରଟି କାନପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାର ସୂଚନା ମିଳିଛି । ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ କରୁଥିବା ଜଣାଯାଇଛି ।

# ଓଡ଼ିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା(ନିପ୍ର): ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଅଜେୟୁ) ମୟୂରଭଞ୍ଜ ଜିଲ୍ଲା ୟୁନିଟ ପକ୍ଷରୁ ବିରୋଧ କରାଯାଇଛି । ଏ ନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି । ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି । ସରକାର ଏହି ଦାବି ଉପରେ ତୁରନ୍ତ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନକଲେ, ଅଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଙ୍ଘ ପକ୍ଷରୁ ସାମ୍ବାଦିକ ଅଭିଜିତ ମହାନ୍ତି, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ମନୋଜ କୁମାର ପଣ୍ଡା, ଦୋଳ ଗୋବିନ୍ଦ ବାରିକ, ସୁକାନ୍ତ କୁମାର ସାହୁ, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ତପନ କୁମାର ଦାସ, ସେକ ସିରାଜୁଦ୍ଦିନ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା, ରୁପମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore dated 31.07.2026, I, Binata Upadhyaya, W/o- Damodar Upadhyaya permanent resident of At- Angula Sasan, Po- Mahumuhan, Ps- Soro, Dist- Balasore, Odisha - 756045 declare that I have changed my name from Banata Upadhyaya to Binata Upadhyaya. Henceforth, I shall be known as Binata Upadhyaya for all purposes.

**Sd/-**
**Binata Upadhyaya**

**AFFIDAVIT**

By virtue of an affidavit sworn before Executive Magistrate, Mayurbhanj, dated 05.08.2026 I, Satyajit Das, S/o- Lt. Harish Chandra Das permanent resident of At- Prafulla Nagar, W. No. 12, Po/Ps- Baripada, Dist- Mayurbhanj, Odisha - 757001 declare that I have changed my minor daughter name from Kabya Mayee Das to Kirtika Das. Henceforth, she shall be known as Kirtika Das for all purposes.

**Sd/-**
**Satyajit Das**

**AFFIDAVIT**

By virtue of an affidavit sworn before Executive Magistrate, Balasore dated 20.07.2026 I, Narendra Nayak, aged 51 years, S/o- Panchu Nayak residing At/Po- Sarakona, Po- Khaira, Dist- Balasore declare that I have changed my name from Bharat Kumar Nayak to Narendra Nayak. Henceforth, I shall be known as Narendra Nayak for all purposes.

**Sd/-**
**Narendra Nayak**

# ଓଡ଼ିଶାର ପ୍ରଥମ ମେୟର ଏବଂ କଟକ ସଦରର ପୂର୍ବତନ ବିଧାୟିକାଙ୍କ ସ୍ମୃତି ସଭା



କଟକ(ନିପ୍ର): ଓଡ଼ିଶାର ପ୍ରଥମ ମେୟର, କଟକ ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସ୍ୱର୍ଗତ ନିବେଦିତା ପ୍ରଧାନଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢୀ ମୁଖ୍ୟଅତିଥି ଏବଂ ମୁଖ୍ୟ ବକ୍ତା ଜଗବନ୍ଧୁ ମିଶ୍ର, ଏବଂ ସମ୍ମାନୀୟ ଅତିଥି ଭାବରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ସୁକାନ୍ତ ବିଶ୍ୱାଳ, ବରିଷ୍ଠ ବି ଜେ ପି ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଯୋଗଦେଇ ନିବେଦିତା ପ୍ରଧାନ କିପରି ଜଣେ ସ୍ପଷ୍ଟବାଦୀ, ସୁନେତ୍ରୀ ତଥା କୋମଳ ହୃଦୟର ମହିଳାଟିଏ ସେ ବିଷୟରେ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ନିବେଦିତା ପ୍ରଧାନ ସ୍ମୃତି ପରିଷଦର ଅଧ୍ୟକ୍ଷ ସଜ୍ଜନ ଶର୍ମା ଅଧ୍ୟକ୍ଷତା କରିଥିବା ବେଳେ ସଭା ପରିଚାଳନା କରିଥିଲେ ଭବାନୀ ପ୍ରସାଦ ମିଶ୍ର । ଏହି ଅବସରରେ କଟକର ବିଶିଷ୍ଟ ଅଧିବକ୍ତା ମାନନୀୟା ବିଷ୍ଣୁପ୍ରିୟା ବେହେରା ଓ କଟକ ମହାନଗର ନିଗମ ପାର୍ଷଦ ମାନ୍ୟବର ପ୍ରଳୟା ବେଉରାଙ୍କୁ ‘ନିବେଦିତା ପ୍ରଧାନ ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ଦୟାନିଧି ଲେଙ୍କା, ଗୀତା ଦାସ, ସତ୍ୟବ୍ରତ ମହାନ୍ତି, ନରେଶ କୁମାର ସାହୁ ଏବଂ ନିବେଦିତା ପ୍ରଧାନ ସ୍ମୃତି ପରିଷଦର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ସାପ କାମୁଡ଼ାରେ ଶିଶୁ ମୃତ

ସୋର(ସପ୍ର): ସକାଳେ ଏକ ଦୁଃଖଦାୟକ ଖବର ସାପ କାମୁଡ଼ାରେ ଅଢେଇ ବର୍ଷର ଶିଶୁପୁତ୍ର ମୃତ୍ୟୁ । ଘଟଣା ଘଟିଛି ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଂଚାୟତ ବରଗିଡି ( କ୍ଷୀରିପଦା ) ଗ୍ରାମର ଶଶିକାନ୍ତ ମଳିକଙ୍କ ପୁଅ ଓମ୍‌କାର ମଳିକ(୨ ବର୍ଷ ୬ମାସ) ରାତି ୧୨ ଟାରେ ଶୋଇଥିବା ବେଳେ ଏକ ବିଷଧର ସାପକୁ ବିଛଣାରେ ଦେଖିବାକୁ ପାଇଥିଲେ । ପରେ ପିଲାର ଅବସ୍ଥା ସଂକଟାପନ୍ନ ହେବାରୁ ସୋର ମେଡିକାଲ କୁ ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି ।

No. 34001/613/2627

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-13/2026-27

1. Number of works -(01)
2. Approximate estimated cost: - 13.54 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 13.08.2026 to 19.08.2026
5. Last Date / Time of receipt of bid in the portal :- Dt. 19.08.2026 up to 5.00 PM
6. Date of Opening of bid:- Dt. 20.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada
Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/26-27/0011











ଈର୍ଷା, ଲୋଭ, କ୍ରୋଧ ଏବଂ ଅପ୍ରିୟ କଟୁ ବଚନ - ଏଥିରୁ ସର୍ବଦା ଦୂରେଇ ରହିବା ଧର୍ମପ୍ରାପ୍ତିର ଏହି ହେଉଛି ମାର୍ଗ

# ଆଜିକାଲି



ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି

## ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ

ଆଗାମୀ ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀଙ୍କ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଉପସ୍ଥିତ ଥିଲେ । ଏହା ସହିତ ସମବାୟ, କୃଷି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ଅର୍ଥ ବିଭାଗର ସଚିବ ଏବଂ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ । ବୈଠକର ମୁଖ୍ୟ ନିଷ୍ପତି ଓ ଆଲୋଚନା ଅନୁଯାୟୀ ବର୍ତମାନ ଚାଷୀଙ୍କ ପାଇଁ ଆଗ୍ରିଷ୍ଟାକ ପଞ୍ଜିକରଣ ବାଧ୍ୟତାମୂଳକ ନୁହେଁ । ଏଥିପାଇଁ କୌଣସି ବି ଚାଷୀ ନିଜର ଧାନ ବିକ୍ରି କରିବାରୁ ବଂଚିତ ହେବେ ନାହିଁ । ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଜାରି ରହିଛି । ଆଗ୍ରିଷ୍ଟାକ ଏକ ସମ୍ବନ୍ୱିତ କୃଷକ ପ୍ଲାଟଫର୍ମ ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ । ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ । ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ । ବର୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି । ସେହିପରି ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ସମସ୍ୟା ଓ ଏହାର ନିଖୁଣ ସମାଧାନ କରିବା ପାଇଁ ସରକାର ଚେଷ୍ଟାରତ ଅଛନ୍ତି । ରବି ଋତୁ୨୦୨୫-୨୬ର ସମୀକ୍ଷା ଅନୁଯାୟୀ ଗତ ରବି ଋତୁରେ ମୋଟ ୩,୬୩,୫୫୩ ଜଣ ଚାଷୀଙ୍କଠାରୁ ୨୦,୪୬,୧୮୫ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି । ପୂର୍ବ ବର୍ଷ (୨୦୨୪-୨୫)ରେ ୧୯,୧୮,୫୨୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବା ବେଳେ ଏଥର ସଂଗ୍ରହ ପରିମାଣରେ ବୃଦ୍ଧି ଘଟିଛି । ରବି ଋତୁରେ ଆଜି ସୁଦ୍ଧା ୩ ଲକ୍ଷ ୬୩ ହଜାର ୧୪୯ ଚାଷୀଙ୍କୁ ୪ ହଜାର ୮୪୪ କୋଟି ଟଙ୍କା ଏମଏସପି ଓ ଇନପୁଟ ସହାୟତା ବାବଦରେ ପ୍ରଦାନ କରାଯାଇଛି । କମିଟି ପକ୍ଷରୁ କୁହାଯାଇଛି ଯେ ଅନ୍ତତଃ ୫୦% ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟାଳୟ ସ୍ତରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ । ରାଜସ୍ୱ ବିଭାଗ ଏଥିନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ । ପଞ୍ଜିକରଣ ନିକଟସ୍ଥ ପାକ୍ସ କେନ୍ଦ୍ର, କମନ ସର୍ଭିସ ସେଣ୍ଟର ଓ ସହାୟକ ମୋଡ଼ରେ କରାଯାଉଛି । ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି । ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାର ହୋଇଛି । ପଞ୍ଜିକରଣ ଓ ଧାନ ବିକ୍ରି ନେଇ ଚାଲୁଥିବା ଭୁଲ ତଥ୍ୟକୁ ରୋକିବା ପାଇଁ ପ୍ରତ୍ୟେକ ସବ-ଡିଭିଜନ ଏବଂ ଗ୍ରାମ ପଂଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏଥିପାଇଁ ଭିଏଡବ୍ଲୁ ମାନେ ଚାଷୀମାନଙ୍କୁ ଆବେଦନ ପାଇଁ ସହଯୋଗ କରିବେ । ଆବେଦନ ପରେ ସମ୍ପୃକ୍ତ ଚାଷୀଙ୍କୁ ପଞ୍ଜିକରଣ ରସିଦ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତମାନ ଦୁଇପ୍ରକାର ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ପ୍ରଦାନ କରାଯାଉଛି । ଆଗ୍ରିଷ୍ଟାକ ପଞ୍ଜିକୃତ ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ଓ ବିନା ଆଗ୍ରିଷ୍ଟାକ ପଞ୍ଜିକୃତ ପ୍ରାପ୍ତି ପତ୍ର । ଉଭୟ ପଞ୍ଜିକରଣ ପ୍ରାପ୍ତି ପତ୍ର ବୈଧ ଅଟେ । ରାଜ୍ୟର କୌଣସି ବି ଚାଷୀ ଯେପରି ଧାନ ବିକ୍ରିରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ।

# ଚିତାଲାଗି ଅମାବାସ୍ୟା ଗେଣ୍ଡା ପୂଜା

ଚିତାଲାଗି ଅମାବାସ୍ୟା

## ଶ୍ରୀଜଗନ୍ନାଥଙ୍କ ଚିତାଲାଗି

*ସ୍ନାନ ପୂର୍ଣ୍ଣିମା ଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଚିତା ଉଲାଗି କରାଯାଇଥାଏ । ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀ ଜଗନ୍ନାଥଙ୍କ ମସ୍ତକରେ ହୀରାଖଚିତ ଧଳା ଚିତା, ଶ୍ରୀ ବଳଭଦ୍ରଙ୍କ ମସ୍ତକରେ ନୀଳାଖଚିତ ନିଜ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟଖଚିତ ନାଲି ଚିତା ଲାଗି କରାଯାଏ । ପରମ୍ପରା ଏବଂ ବିଧିମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀ ବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତୀ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ । ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ୧୩ ଶହ ଶତାବ୍ଦୀରୁ ପାଳିତ ହୋଇ ଆସୁଛି ବୋଲି ଜଣାଯାଏ ।*

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏକ ସମ୍ପୂର୍ଣ୍ଣ ଉତ୍କଳୀୟ ପର୍ବ ଭାବରେ ଚିତାଲାଗି ଅମାବାସ୍ୟା ଓଡ଼ିଶାର ଘରେ ଘରେ ପରିଚିତ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏହି ଅମାବାସ୍ୟାର ପାର୍ବଣ ତାର ସ୍ୱତନ୍ତ୍ରତା ରଖିଛି । କେବଳ ଘରେ ଘରେ ନୁହେଁ ଓଡ଼ିଶାର ଦେବାଳୟ, ମଠ ମନ୍ଦିର ଓ ପୁରୀ ଶ୍ରୀମନ୍ଦିରରେ ଏହାର ସ୍ୱତନ୍ତ୍ର ରତିନୀତି ରହିଛି । ଚିତାଲାଗି ଅମାବାସ୍ୟାକୁ ଶ୍ରାବଣ ଅମାବାସ୍ୟା ନାମରେ ଖ୍ୟାତ । ସ୍କନ୍ଧ ପୁରାଣ ଓ ପଦ୍ମପୁରାଣରେ ଏହା ବିଷୟରେ ଲିଖିତ ରହିଛି - *'ଶ୍ରାବଣେ ମାସି ସଂପ୍ରାପ୍ତେ ଯୋଽର୍ଚ୍ଚୟେତ୍ କମଳାପତିମ୍ । ନ ସ ଗର୍ଭଗୃହଂ ଯାତି ଯାବଦାଭୂତ ସଂପ୍ଲବମ୍ ॥'* ଶ୍ରାବଣ ମାସରେ ଯେଉଁ ଲୋକ କମଳାପତିଙ୍କୁ ଅର୍ଚ୍ଚନା କଲେ ଅନନ୍ତକାଳ ପର୍ଯ୍ୟନ୍ତ ତାର ପୁର୍ନଜନ୍ମ ହେବ ନାହିଁ ବୋଲି ସ୍କନ୍ଧ ପୁରାଣରେ ଉଲ୍ଲେଖ ରହିଛି - *'ଯୋଽର୍ଚ୍ଚୟେତ୍ ଶ୍ରୀଧରଂ ଦେବଂ ଶ୍ରାବଣେ ଭକ୍ତିପୂର୍ବତଃ । ନ ଗଚ୍ଛେନ୍ନି ରାୟଂ ରାଜ୍ୟଂ କୃତ୍ୱା ପାପ ଶତାନ୍ୟପି ॥ ଶ୍ରାବଣେ ମାସି ଯୋ ଦଦ୍ୟାତ୍ ଲଜାନ୍ ଘୃତ ସମନ୍ୱିତାନ୍ । ହରୟେ ତସ୍ୟ ବିପ୍ରର୍ଷେ ନ ବିପତି ଗୃହେ ଭବେତ୍ ॥'* ଶ୍ରାବଣ ମାସରେ ଚିତାଲାଗି ଅମାବାସ୍ୟାରେ ଭଗବାନ ଶ୍ରୀଧରଙ୍କ



ପୂଜାର୍ଚ୍ଚନା କଲେ ସେହିବ୍ୟକ୍ତିର ପାପ କ୍ଷୟ ହେବା ସହ ତା ଗୃହରେ ବିପତି ପଡ଼ିନଥାଏ ବୋଲି ପଦ୍ମ ପୁରାଣରେ ଲେଖା ହୋଇଛି - *'ଶ୍ରାବଣେ ପିଷ୍ଟକଂ ଯସ୍ତୁ ହରୟେ ମୁଦ୍ଗପୂରିତଂ । ଦଦାତି ତସ୍ୟ ବିପ୍ରର୍ଷେ ଗୃହେ ଶ୍ରୀର୍ନିଶ୍ଚଳା ଭବେତ୍ ॥'* ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ବାଲୁଙ୍କୀ ପାଠୀଙ୍କ 'ଯାତ୍ରା ଭାଗବତ' ସ୍ମୃତି ଗ୍ରନ୍ଥରେ ଲେଖିଛନ୍ତି ଶ୍ରୀମନ୍ଦିରରେ ପ୍ରଚଳିତ ଯାତ୍ରା ଭିତରେ ଚିତାଲାଗି ଅମାବାସ୍ୟାର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହି ଶ୍ରାବଣ ମାସର ଅମାବାସ୍ୟା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କ ଲଲାଟରେ ଭୂଷଣ ଅର୍ପଣ କରାଯାଇଥାଏ । ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଅକ୍ଷୟ ତୃତୀୟା ଓ ବୁଣା ବୁଣି ଶେଷ ପରେ କୃଷକମାନେ ପାଣି ହଳ ପାଇଁ ସଜବାଜ ହେବା ପୂର୍ବରୁ ଗେଣ୍ଡା, କୋଚିଆ, ଧଣ୍ଡ ପ୍ରଭୃତି ଅନିଷ୍ଟକାରୀ ଜଳଚର ମାନଙ୍କ ସନ୍ତୋଷ ଲାଗି ବିଶେଷ ପିଠାପଣା ଆୟୋଜନ କରି ସେମାନଙ୍କୁ ଜଳରେ ଅର୍ପଣ କଲେ ସେମାନେ ସନ୍ତୁଷ୍ଟ ହୋଇଥାନ୍ତି । ଏହିଦିନରେ ଓଡ଼ିଶାର ଘରେ ଘରେ ହିନ୍ଦୁ ପରିବାରରେ କ୍ଷୀରି ଓ ସ୍ୱାଦିଷ୍ଟ ପିଠା ପ୍ରସ୍ତୁତ ହୋଇ ପ୍ରଥମେ କୂଳଦେବତା ଓ ଇଷ୍ଟଦେବତାଙ୍କ ଠାରେ ଅର୍ପଣ କରାଯାଇ ପରବର୍ତୀ ସମୟରେ ଜଳଚରଙ୍କ ପାଇଁ ପୋଖରୀ, ନଈ ଓ ନାଳରେ ସମର୍ପଣ କରାଯାଏ । ଓଡ଼ିଆ ଜନଜୀବନରେ ଚିତାଲାଗି ଅମାବାସ୍ୟାକୁ ଚିତଉ ଅମେଇସା ନାମରେ ପ୍ରାୟ ସମସ୍ତେ ଜାଣନ୍ତି । ଏହି ଦିନ ବ୍ରାହ୍ମଣ ଶାସନରେ ପ୍ରତ୍ୟେକ ଘରେ ଚିତଉ ପିଠା ଓ କ୍ଷୀରି ପ୍ରସ୍ତୁତ ହୋଇ କୂଳ ଦେବତାଙ୍କ ସହ ଗ୍ରାମ ଦେବତୀଙ୍କୁ ସମର୍ପଣ କରାଯାଏ । ଚିତାଲାଗି ଅମାବାସ୍ୟା ଓଡ଼ିଆ ଜନଜୀବନରେ ଏକ ସର୍ବାଦୃତ ଓ ସମସ୍ତଙ୍କର ପ୍ରିୟ ପାର୍ବଣ ଭାବେ ବେଶ୍ ପରିଚିତ । ଚିତାଲାଗି ଓଷା ଓଡ଼ିଆ ଘରର ଏକ ପ୍ରମୁଖ ପର୍ବ । ଗୃହିଣୀମାନେ ଘରେ ଚିତଉ ପ୍ରସ୍ତୁତ କରି ଏହି ପିଠାକୁ ଧାନ କ୍ଷେତରେ, ବାଡ଼ି ବଗିଚାରେ, ଫସଲ କିଆରିରେ ମାଟିକୁ ଜନନୀ ଜ୍ଞାନ କରି ତାହାଙ୍କ ପାଇଁ ସମର୍ପଣ କରି ପୋଡ଼ନ୍ତି । ତା ସହିତ ଠାକୁର ବା ଇଷ୍ଟ ଦେବତାଙ୍କୁ ମଧ୍ୟ ଭୋଗ କରନ୍ତି । ଏହି ସମୟରେ ବିଲରେ ପ୍ରଚୁର ଗେଣ୍ଡା ଦେଖାଯାଆନ୍ତି ଏମାନେ ଚାରା ସବୁ କାଟି ପକାନ୍ତି । ପୁଣି ବଛା ଖେଳା ବେଳେ ଚାଷୀ ଗୋଡ଼, ଆଣ୍ଠୁ ବା ହାତକୁ କାଟି ଦିଅନ୍ତି । କାରଣ ଆଣ୍ଠୁ ପକାଇ ବିଲ ବାଛିବା ବେଳେ ହାତ ଓ ଗୋଡ଼ ଭୂମି ସହିତ ଲାଗି ରହିଥାନ୍ତି । ଏଣୁ ସାମାନ୍ୟ ଅସାବଧାନତାରୁ ଗେଣ୍ଡା ଗୋଡ଼ ଆଣ୍ଠୁ କାଟି ଦିଏ । ଏହି ଦୁଇଟିରୁ ରକ୍ଷା ପାଇବା ପାଇଁ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା କରି ପୋଖରୀ ବା ଚାଷ ଜମିକୁ ଫିଙ୍ଗନ୍ତି । ଗେଣ୍ଡାମାନେ ପିଠା ପ୍ରତି ଆକୃଷ୍ଟ ହୋଇ ଚାରାଗଛ ଓ ମଣିଷ ଠାରୁ ନିବୃତ ରହନ୍ତି । ପରମ୍ପରା ଅନୁଯାୟୀ ଏହିଦିନରେ ପୋଖରୀରୁ ଗେଣ୍ଡା ଉଦ୍ଦେଶ୍ୟରେ ଝିଅ ପିଲାମାନେ ପିଠା ନିକ୍ଷେପ କରି ବାପା ଭାଇ ଓ ବନ୍ଧୁବାନ୍ଧବ ମାନଙ୍କ ଗୋଡ଼ ନ କାଟିବାକୁ ଗେଣ୍ଡା ମାନଙ୍କ ଉଦ୍ଦେଶ୍ୟରେ କହନ୍ତି ଗେଣ୍ଡେଇଶୁଣିଲୋ ଗେଣ୍ଡେଇଶୁଣି ମୋ ଗୋଡ଼ କାଟିବୁ ନାହିଁ, ମୋ ବାପା ଗୋଡ଼ କାଟିବୁ ନାହିଁ, ମୋ ବୋଉ ଗୋଡ କାଟିବୁ ନାହିଁ, ଭାଇ ଗୋଡ କାଟିବୁ ନାହିଁ । ଆମ ଫସଲ କାଟିବୁ ନାହିଁ । - ଜଗନ୍ନାଥ ମହାନ୍ତି । ଏଥିପାଇଁ ଏହି ଓଷାରେ ଗେଣ୍ଡାଙ୍କୁ ଗେଣ୍ଡେଇକ୍ଷୁଣି ନାମରେ ପୂଜା ମଧ୍ୟ କରା ଯାଇ ଥାଏ । ଏହି ବିଧି ସକାଶେ ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ଆଦିରେ ଏହା ଗେଣ୍ଡାକାଟ ଏହା ଗେଣ୍ଡାକାଟା ଅମାବାସ୍ୟା ନାମରେ ଜଣା ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*

# ଚିତାଲାଗି ଅମାବାସ୍ୟା

ଶ୍ରାବଣ ମାସର ଅମାବାସ୍ୟା ହେଉଛି ଚିତାଲାଗି ଅମାବାସ୍ୟା । ଶ୍ରାବଣ ମାସର ଅମାବାସ୍ୟା ବିଷ୍ଣୁ ପୂଜା ଲାଗି ଉପଯୁକ୍ତ ଦିନ । ଏହି ମାସରେ କମଳାପତିଙ୍କୁ ଅର୍ଚ୍ଚନା କଲେ ପୁନର୍ଜନ୍ମ ହୁଏନାହିଁ ବୋଲି କଥିତ ଅଛି । ଶ୍ରୀମନ୍ଦିର ବିଭିନ୍ନ ଯାତ୍ରାବିଧି ଭିତରେ ପ୍ରଭୁଙ୍କ ମସ୍ତକରେ ଚିତାଲାଗି ହୁଏ ଏହି ଅମାବାସ୍ୟା ତିଥିରେ । ସମ୍ଭବତଃ ସେଥିପାଇଁ ଶ୍ରାବଣ ମାସର ଅମାବାସ୍ୟା ତିଥିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲଲାଟରେ ଭୂଷଣ ଅର୍ପଣ କରାଯାଏ । ତେବେ ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମସ୍ତକରୁ ଯେଉଁ ରତ୍ନ ଚିତାଗୁଡ଼ିକ ଉଲାଗି କରାଯାଇଥାଏ, ସେଗୁଡ଼ିକ ପୁଣି ଶ୍ରାବଣ ଅମାବାସ୍ୟା ତିଥିରେ ଲାଗି କରାଯାଏ । ନାନା ରତ୍ନରେ ତିଆରି



Chitou Amavasya

'ଚିତା' ଜନସମାଜର ମଙ୍ଗଳ ନିମନ୍ତେ ପ୍ରଭୁଙ୍କ ଲଲାଟରେ ଏହି ଦିନ ଲାଗି କରିବା ବିଧେୟ । ସ୍ନାନ ପୂର୍ଣ୍ଣିମାଠାରୁ ଚିତାଗୁଡ଼ିକ ଶ୍ରୀମନ୍ଦିର ଭଣ୍ଡାର ଘରେ ରଖାଯାଏ । ଶ୍ରୀଗୁଣ୍ଡିଚା ଯାତ୍ରାରୁ ଫେରି ମହାପ୍ରଭୁ ରତ୍ନ ସିଂହାସନରେ ବିଜେ ହେବା ପରେ ଶୁଭ ତିଥି ଦେଖି ପୁଣି ଚିତାଗୁଡ଼ିକ ଲାଗି କରାଯାଇଥାଏ । ଏହା ବ୍ୟତୀତ କୃଷିଭିତିକ ରାଜ୍ୟ ଓଡ଼ିଶାରେ ଏହି ପର୍ବ ବିଭିନ୍ନ ଅ□ଳରେ ଭିନ୍ନ ଭାବରେ ପାଳନ କରାଯାଏ । କେତେକ ସ୍ଥାନରେ ପାଳିତ ହୁଏ ଗେଣ୍ଡାକଟା ଅମାବାସ୍ୟା ନାମରେ । କୃଷକମାନେ ହଳ-ବଳଦ ନେଇ ବିଲରେ ବିହୁଡ଼ା ବେଉଷଣ କରିବାର ସମୟ ହୋଇଥିବାରୁ କାଳେ ଗେଣ୍ଡା, କୋଚିଆ ଆଦି ଜଳଚର ଜୀବ ସେମାନଙ୍କର ଅନିଷ୍ଟ କରିବେ ସେଥିଲାଗି ସେମାନଙ୍କୁ ସନ୍ତୁଷ୍ଟ କରାଯାଏ ଏହି ଅମାବାସ୍ୟାରେ । ଖିରି ଓ ଚିତଉ ପିଠା କରି ଇଷ୍ଟ ଦେବତାଙ୍କୁ ଅର୍ପଣ କରିବା ସହ ଜଳଚର ମାନଙ୍କୁ ସନ୍ତୁଷ୍ଟ କରିବାକୁ ବିଲ ଓ ନଈ-ନାଳ, ପୋଖରୀରେ ପକାଯାଏ । ରାଜ୍ୟର କେତେକ ଉପକୂଳ ଜିଲ୍ଲାରେ ଏହାକୁ କହନ୍ତି ଚିତଉ ଅମାବାସ୍ୟା । ଏହି ଦିନ ଚିତଉ ପିଠା ଓ ଖିରି କରାଯାଇ ଇଷ୍ଟ ଦେବତା ଓ ଗ୍ରାମଦେବତୀଙ୍କୁ ଅର୍ପଣ କରାଯାଏ । କୃଷକ ପରିବାର ଏହି ଚିତଉ ପିଠା, ଫୁଲ, ଚନ୍ଦନ, ସିନ୍ଦୂର, କ୍ଷୀର ଆଦି ଧାନ କ୍ଷେତକୁ ଅର୍ଘ୍ୟ ଦେଇ ବିଲରେ ପୋତି ଆସନ୍ତି । ଚାଷୀର ବିଶ୍ୱାସ ଧାନ କ୍ଷେତକୁ ପୂଜା କଲେ ଅମଳ ଅଧିକ ହେବ ।

# ଚିତାଲାଗି ଅମାବାସ୍ୟା

◆ ରାମଚନ୍ଦ୍ର ବେହେରା

ପୂଣ୍ୟ ଶିରାବଣ ଆସିଛି ମରତେ
ହସୁଛି ସବୁଜ ବନ
ଶୈବପୀଠ ଆଜି ଗହଳି ଚହଳ
ଆନନ୍ଦିତ ଭକ୍ତ ମନ ପବିତ୍ର ଅମାବାସ୍ୟାରେ
ଚିତଉ ପିଠାରେ ମହକିବ ଘର
ଉତ୍କଳ ପୁର ପଲ୍ଲୀରେ ।
ନଡିଆ ଚାଉଳ ଆଣରେ ବନିବ
ସୁସ୍ୱାଦୁ ଚିତଉ ପିଠା
ଛେନା ଗୁଡ ପୁର ଭରିଦେବେ ମାଆ
ପାଟିକୁ ଲାଗିବ ମିଠା ସଭିଏଁ ହରଷ ମନେ
ଶ୍ରଦ୍ଧା ସହ ଦେବେ ଗେଣ୍ଡାଂକୁ ଚିତଉ
ସଂସ୍କୃତିକୁ ରଖି ଧ୍ୟାନେ ।
ପିଠାଦାନ କରି ଗେଣ୍ଡାଂକୁ କହିବେ
ଆମ ବିଲରେ ତୁ ଥିବୁ
ବାପା ଭାଇ ଯେବେ ଚାଷ କରୁଥିବେ
ଗୋଡ ତାଂକ ନକାଟିବୁ ହୃଦୟେ ବିଶ୍ୱାସ ଭରି
ପବିତ୍ର ପ୍ରଥାକୁ ମାନନ୍ତି ସଭିଏଁ
ପରମ୍ପରାକୁ ଆଦରି ।
କେଉଁ ପୁରାକାଳୁ ଚାଲି ଆସୁଅଛି
ଆମରି ଏହି ପରବ
ସାରା ଭାରତରେ ନିଆରା ଏ ପର୍ବ
ଆମ ରାଇଜର ଗର୍ବ ଶ୍ରୀମନ୍ଦିରେ ହୁଏ ନୀତି
ଚିତାଲାଗି ବେଶେ ଦିଅଁଙ୍କ ଦର୍ଶନ
ଦିଅଇ ପରମ ଶାନ୍ତି ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# କାହାକୁ ଭରସା କରିବ ଓଡ଼ିଶା ?

◆ ବାଦଲ ଭୂୟାଁ

ଏବେ ମୌସୁମୀର ଲଗାଣ ବର୍ଷା ଜାରି ରହିଛି । ଆହୁରି ପାଂଚ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବବୋଲି ପାଣିପାଗ ବିଭାଗ ସୂଚନା ଜାରି କରିଛନ୍ତି । ଏହା ଯଦିଓ ଅନିୟମିତ ବର୍ଷା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶାରେ ଦିନକୁ ଦିନ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ପୂର୍ବାପେକ୍ଷା ରାଜ୍ୟ ବାୟୁମଣ୍ଡଳର ତାପମାତ୍ରା ଅଧିକ ରହୁଛି, ମୌସୁମୀ ବର୍ଷାରେ ଭୟଙ୍କର ଅନିୟମିତତା ଦେଖା ଦେଇଛି, କମ୍ ସମୟ ବ୍ୟବଧାନରେ ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳରେ ସଂଘଟିତ ହେଉଛି । ଏହା ବ୍ୟତୀତ ମରୁଡ଼ି, ବନ୍ୟା ସାଙ୍ଗକୁ ଏବେ ବଜ୍ରପାତ ସଂଖ୍ୟା ବଢ଼ିଯାଇଛି । ସମୁଦ୍ର କୂଳ ଲଂଘିବା କାରଣରୁ ଅନେକ ସ୍ଥାନରେ ଉପକୂଳ କ୍ଷୟ ହେଉଛି । ଗତ ୧୩୦ ବର୍ଷରେ ଓଡ଼ିଶାକୁ ବର୍ତମାନ ସୁଦ୍ଧା ୯୬ଟି ବାତ୍ୟା ମାଡ଼ ହୋଇଛି । ଏଥିରୁ ୨୭ଟି ବାତ୍ୟା ବାଲେଶ୍ୱର ଜିଲ୍ଲାର ଉପକୂଳରେ ଲ୍ୟାଣ୍ଡଫଲ କରିଛି ବୋଲି ଏକ ତଥ୍ୟରୁ ଜଣା ଯାଇଛି । ଭାତ ହାଣ୍ଡିରୁ ଗୋଟିଏ ଗତ ଡିସେମ୍ବର କଥା ଦେଖନ୍ତୁ ପ୍ରଥମ ସପ୍ତାହରେ ଲଘୁଚାପ ଜହ୍ୱାଦ୍ ବାତ୍ୟା ସମ୍ଭାବନାକୁ ନେଇ ପାଗ ଫର୍ଚ୍ଚା ହେବା ପର୍ଯ୍ୟନ୍ତ ଅଧା ଓଡ଼ିଶାର ଲୋକେ ବାତ୍ୟା ଭୟରେ ରଖିଥିଲା । ପରେ ଆଇଏମ୍ଡି ସ୍ପଷ୍ଟ କଲା ବାତ୍ୟା ହେବାର ନାହିଁ, ଶକ୍ତିହୀନ ହୋଇସାରିଛି ଜୱାଦ । ଅନ୍ୟ ପକ୍ଷରେ ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାରୁ ଆଇଏମ୍ଡି ସୂଚନାକୁ ଆଧାର କରି ରାଜ୍ୟ ସରକାର ବାତ୍ୟା ମୁକାବିଲା ପ୍ରସ୍ତୁତି କରିଥିଲେ । ବିଭିନ୍ନ ସମ୍ବେଦନଶୀଳ ଜିଲ୍ଲାକୁ ଉଦ୍ଧାରକାରୀ ଦଳ ପଠାଇବା ସହ ତଳିଆ ଅଂଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ । ଯାହା ସମ୍ପର୍କରେ ଏସ୍ଆରସି ଟ୍ୱିଟ୍ କରି ସୂଚନା ଦେଉଥିଲେ । ଏମିତିକି ବାତ୍ୟାଟି ଓଡ଼ିଶାରେ ଲ୍ୟାଣ୍ଡଫଲ କରି ନପାରେ ବୋଲି ଏସ୍ଆରସି ଟ୍ୱିଟ କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିଲେ । କିନ୍ତୁ ଏହା ପରେ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କୋଟିକୋଟି ଓଡ଼ିଶାବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଆଗକୁ ଓଡ଼ିଶା ପରି ବାତ୍ୟା ପ୍ରବଣ ରାଜ୍ୟର ସରକାର କେଉଁ ରିପୋର୍ଟ ଉପରେ ଭରସା କରିବେ । କାହା ତଥ୍ୟ ଆଧାରରେ ବାତ୍ୟା ମୁକାବିଲା କରିବେ ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି । ଏପରିକି କିଛି ପାଣିପାଗ ବିଜ୍ଞାନୀ ମଧ୍ୟ ସମାନ ଆଶଙ୍କା କରିଛନ୍ତି । କେବଳ ଆଇଏମ୍ଡି ନୁହେଁ ବିଶ୍ୱର ବଡ଼ ବଡ଼ ପାଣିପାଗ ସଂସ୍ଥା ମଧ୍ୟ ଆକଳନରେ ଭୁଲ ସାବ୍ୟସ୍ତ ହେବାରେ ଲାଗିଛନ୍ତି । ବାତ୍ୟା 'ୟସ୍', 'ଗୁଲାବ' ଓ ଏବେ 'ଜୱାଦ' କ୍ଷେତ୍ରରେ ସମାନ ଘଟଣା ଘଟିଛି । ଅଭିଜ୍ଞତା ଦୃଷ୍ଟିରୁ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାର ସଠିକ ଗତିପଥ ଓ ତୀବ୍ରତା ମାପିବାରେ ଆଇଏମ୍ଡି ସର୍ବାଗ୍ରେ ବୋଲି ବିବେଚନା କରାଯାଇଛି । ତେଣୁ ପୂର୍ବରୁ ଯେତେ ବାତ୍ୟା ଆସିଛି, ବିଦେଶୀ ସଂସ୍ଥାଙ୍କୁ ଛାଡ଼ି ଆଇଏମ୍ଡି ଆକଳନ ଉପରେ



ରାଜ୍ୟ ସରକାର ସର୍ବଦା ଆଶାପ୍ରକଟ କରିଥାନ୍ତି । ମାତ୍ର କ୍ରମାଗତ ଭାବେ ଆଇଏମ୍ଡିର ଆକଳନ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରୁଥିବାରୁ ଅଭିଯୋଗ ଆରମ୍ଭ ହୋଇଯାଇଛି । 'ଜୱାଦ' ପ୍ରସଙ୍ଗରେ ସୋସିଆଲ ମିଡ଼ିଆରେ ଆଇଏମ୍ଡି କାର୍ଯ୍ୟାକଳାପ ଉପରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଆଇଏମ୍ଡି ଆକଳନ ଆଧାରରେ ହିଁ ରାଜ୍ୟ ସରକାର ମୁକାବିଲା ପ୍ରସ୍ତୁତି କରିଥାନ୍ତି । ଓଡ଼ିଶା ଭଳି ଏକ ବାତ୍ୟା ପ୍ରବଣ ରାଜ୍ୟ ପାଇଁ ଆଗୁଆ ଓ ସଠିକ୍ ସୂଚନା ଯଥେଷ୍ଟ ଗୁରୁତ୍ୱ ରଖୁଥିବାରୁ ଏଥିପ୍ରତି ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଦାବି ଉଠିଛି । ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଶୀଘ୍ର ପରିବର୍ତ୍ତନା ହେତୁ ପାଣିପାଗ ଆକଳନ କରିବା କଷ୍ଟକର ହୋଇ ପଡୁଛି । ଯାହାକି ପୂର୍ବାନୁମାନରେ କଷ୍ଟ ସାଧ୍ୟ ହେଉଛି । ତେବେ କିଛି ମଡେଲକୁ ଛାଡ଼ିଦେଲେ ଅନ୍ୟମାନେ ବାରମ୍ବାର ନିଜର ମତ ବଦଳାଉଛନ୍ତି । ଯାହାଦ୍ୱାରା ଆକଳନକାରୀଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି । ତେଣୁ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ କରିବା ଆବଶ୍ୟକ ହୋଇଛି । ସେହିପରି ମଡେଲଗୁଡ଼ିକ ଚଳାଇବା ପାଇଁ ଭାରତର ବିଭିନ୍ନ ସ୍ଥାନରୁ ତଥ୍ୟ ଦରକାର ପଡୁଛି । ଏହି ତଥ୍ୟକୁ ଆଧାର କରି ସବୁ ମଡେଲ ଆକଳନ ଜାରି କରୁଛନ୍ତି । ବିଦେଶୀ ମଡେଲ ମଧ୍ୟ ଭାରତ ଠାରୁ ସଂଗୃହୀତ ତଥ୍ୟ ଗ୍ରହଣ କରି ଆକଳନ ଜାରି କରୁଛନ୍ତି । ମାତ୍ର ଏହି ଗୋଳମାଳିଆ ଓ ଭୁଲ ତଥ୍ୟ ଯୋଗୁଁ ବିଦେଶୀ ସଂସ୍ଥା ଭୁଲ ଆକଳନ କରୁଛନ୍ତି । ଭାରତୀୟ ପାଣିପାଗ ବିଭାଗ ସଂପୂର୍ଣ୍ଣ ଭାବେ ବିଦେଶୀ ମଡ଼େଲ ଉପରେ ନିର୍ଭର କରୁଥିବାରୁ ସଠିକ ଆକଳନରେ ସମସ୍ୟା ସୃଷ୍ଟି ହେଉଛି । ସମାନ ଭାବେ ସଠିକ ଆକଳନ ପାଇଁ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବେଲୁନ ଛଡ଼ା ଯାଇଥାଏ । ବାୟୁମଣ୍ଡଳର ସ୍ଥିତି ଜାଣିବାକୁ ଏହି କାର୍ଯ୍ୟ କରାଯାଏ । ମାତ୍ର ତାହା ମଧ୍ୟ କ୍ରମାଗତ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି । ଆମେରିକାର 'ଜେଟିଡବ୍ଲୁସି' ଭଳି ସଂସ୍ଥା ମଧ୍ୟ ନିଜ କଥାରେ ଦୃଢ଼ ଭାବେ ରହି ନପାରି ବାରମ୍ବାର ମତ ପରିବର୍ତ୍ତନ କରୁଛି । ଏହା ବ୍ୟତୀତ ଆଇଏମ୍ଡି ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଭିତିଭୂମି ମଧ୍ୟ ନାହିଁ । ଆଇଏମ୍ଡି ବ୍ୟବହାର କରୁଥିବା ସାଟେଲାଇଟ ମଧ୍ୟ ଅନ୍ୟ ଦେଶ ତୁଳନାରେ ଉନ୍ନତ ହୋଇପାରୁ ନାହିଁ । ସେହିପରି ବଙ୍ଗୋପସାଗରରେ ଥିବା ଭାସମାନ ୱେଦର ଷ୍ଟେସନ ମଧ୍ୟ ସମ୍ପୂର୍ଣ୍ଣ ବଙ୍ଗୋପସାଗରକୁ ପରିଧିରେ ଆକଳନ କରିପାରୁନାହିଁ । ଯାହାଦ୍ୱାରା ବାତ୍ୟା ସମ୍ପର୍କରେ ସଠିକ ଆକଳନ ସମସ୍ୟା ସୃଷ୍ଟି ହେଉଛି । ଭାରତକୁ ବାରମ୍ବାର ବାତ୍ୟା ଭୟ ରହୁଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଧୀରେ ଧୀରେ ଆଇଏମ୍ଡିର ବିଶ୍ୱାସନୀୟତା ପ୍ରତି ଆଶଙ୍କା ସୃଷ୍ଟି ହେବାରେ ଲାଗିଛି । ବର୍ଷା, ବାତ୍ୟା, ମରୁଡ଼ି ଏବଂ ବନ୍ୟା ସଂପର୍କରେ ଅଧିକ ଜାଣିବାକୁ ହେଲେ ପ୍ରଥମେ ଆମ ସରକାରଙ୍କୁ ବାଦଲ ବା କ୍ଲାଉଡ ଉପରେ ଗବେଷଣା କରିବାକୁ ହେବ । ବାଦଲରେ ଜଳୀୟ ବାଷ୍ପର ମାତ୍ରା, ପବନର ବେଗ, ବଜ୍ରପାତ ହେବାର ଆଶଙ୍କା ଆଦିର ଅନୁଧ୍ୟାନ ଠିକ୍ ଭାବେ କରାଯାଇ ପାରିଲେ ଓଡିଶାରେ ପାଣିପାଗ ଜନିତ ବିପର୍ଯ୍ୟୟକୁ ଅନେକ ମାତ୍ରାରେ ରୋକାଯାଇ ପାରନ୍ତା । ବିପର୍ଯ୍ୟୟର ମାତ୍ରାକୁ ସର୍ବନିମ୍ନ କରିବା ପାଇଁ ହେଲେ ବ୍ଲକ ଏବଂ ପଂଚାୟତ ସ୍ତରରେ ମଲ୍ଟିଲେଭେଲ୍ ହାଜାର୍ଡ଼ ମ୍ୟାପିଂ ଏବଂ ବିପର୍ଯ୍ୟୟ ସହନଶୀଳ ଭିତିଭୂମି ସ୍ଥାପନ କରିବାର ତୁରନ୍ତ ଆବଶ୍ୟକତା ରହିଛି । ଏହାହେଲେ ବିଶ୍ୱରେ ହେଉଥିବା ପାଣିପାଗ ପ୍ରଭାବ ଜନିତ ଏକାଧିକ ବିପର୍ଯ୍ୟୟ ପ୍ରଭାବରୁ ଓଡ଼ିଶାକୁ ଅନେକ ମାତ୍ରାରେ ସୁରକ୍ଷିତ ରଖାଯାଇ ପାରିବ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର : ୭୪୮୮୯୯୮୫୩୨*

# ଚିତାଲାଗି ଅମାବାସ୍ୟା

ଆଜି ଶ୍ରାବଣର ମହାନ ପରବ
ଚିତାଲାଗି ଅମାବାସ୍ୟା
ଶ୍ରୀମନ୍ଦିରେ ହେବ ତିନି ଦିଅଁଙ୍କର
ରତ୍ନଚିତା ବେଶଭୂଷା ।
କାଳିବେ ନାଇବେ ହୀରା ଧଳାଚିତା
ଜ୍ୟେଷ୍ଠ ନୀଳା ନୀଳଚିତା
ମାଣିକ୍ୟ ଖଚିତ ନାଲିଚିତା ନାଇ
ଝଟକିବେ ମା'ସୁଭଦ୍ରା ।
ଝିପି ଝିପି ବର୍ଷା ପରଶେ ହସୁଛି
ଗାଆଁ ବିଲ ତୋଟାମାଳ
ଚିତାଲାଗି ପର୍ବ ଶୁଭ ଆଗମନେ
ଧରା ଲାଗେ ସୁଶୀତଳ ।
ଘରେ ଘରେ ହେବ ସ୍ୱାଦିଷ୍ଟ ଚିତୋଉ
ମାନି ଉତ୍କଳୀୟ ରୀତି
ଧନୀ ଓ ଦରିଦ୍ର ହର୍ଷ ଉଲ୍ଲାସରେ
ପାଳିବେ ଚିତୋଉ ବିଧି ।
ନଡିଆ ଚାଉଳ ବିରିରେ ବନିବ
ସୁସ୍ୱାଦୁ ଚିତୋଉ ପିଠା
ଛେନା ଗୁଡ ପୁର ମହକି ଉଠିବ
ପାଟିକୁ ଲାଗିବ ମିଠା ।
ଶ୍ରାବଣର ଏହି ପବିତ୍ର ଦିନରେ
ସଭିଏଁ ହରଷ ମନେ
ଶ୍ରଦ୍ଧାସହ ଦେବେ ଗେଣ୍ଡାଂକୁ ଚିତୋଉ
ମାନି ପରମ୍ପରା ଧ୍ୟାନେ ।
ପିଠାଦାନ ବେଳେ ଗେଣ୍ଡାଂକୁ କହିବେ
ଆମ ବିଲରେ ତୁ ଥିବୁ
ବାପା ଭାଇ ଯେବେ ଚାଷ କରୁଥିବେ
ଗୋଡ ତାଂକ ନକାଟିବୁ ।
କେଉଁ ପୁରାକାଳୁ ଚାଲି ଆସୁଅଛି
ଶ୍ରାବଣର ଏହି ପର୍ବ
ଅନ୍ୟ ପର୍ବଠାରୁ ସଂପୂର୍ଣ୍ଣ ନିଆରା
ଆମ ରାଇଜର ଗର୍ବ ।
ଶ୍ରଦ୍ଧା ବିଶ୍ୱାସର ଏ ମହାନ ପର୍ବ
ବାଂଟିବ ଭକତି ମୋହ
ପିଠା ଦିଆନିଆ ସେନେହ ମମତା
ଯୋଡିବ ସମ୍ପର୍କ ଖିଅ ।





# ଓଡିଶାର ପ୍ରଥମ ବାଚସ୍ପତି



◆ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ । ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ । ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ । ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ । ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ। ପାର୍ବତୀପୁର । ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ । ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ ଥିଲେ । ମୁକୁନ୍ଦ ପ୍ରସାଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ । ମାଲବାହୀ ରେଲଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ । ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ । ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ । ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ । ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ । ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ । ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ । ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧି ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ । ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା । ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି । ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ । ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି । ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ । ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ । ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ । ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ । ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ପାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ । ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ । ପରବର୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ । ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ । ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ । ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ । ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ । ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ । ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି । ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ । ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ । ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ -ନ୍ତତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ । ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତନ୍ତ ।ନ୍ତ ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି ନ୍ତ ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ । ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ । ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ



କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ । ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ । ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ । ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହେଯାଗୀ ହୋଇଯାଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍ । ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ । ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ । ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ । ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା । ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ । ୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ । ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ । ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ । ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ,ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ । ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ । କିନ୍ତୁ ମୁକୁନ୍ଦ ପ୍ରସାଦମାଜିଷ୍ଟ୍ରେଟଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ । ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ ନ୍ତଭାରତଛାଡନ୍ତ ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ । ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ । ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ । ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା । ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା । ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ଥିଲେ । ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା । ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା । ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା । ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ । ୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ । କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ । ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ । ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ । ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ । ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭିକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ । ଏହି ନିସ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ ।

*ପାରାଦ୍ୱୀପଗଡ,କୁଜଙ୍ଗ,ଜଗତ୍‌ସିଂହପୁର,*
*ମୋ-୯୯୩୭୬୯୧୪୭୫*

## ଅବସରପ୍ରାପ୍ତ କର୍ମଚାରୀଙ୍କ ଭୁବନେଶ୍ୱର ଧାରଣା କାର୍ଯ୍ୟକ୍ରମ

ବୈଶିଙ୍ଗା : ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସ୍ଥାନୀୟ ପ୍ରତିଭା ନିବ ।ସ ଠାରେ ବେତନଟୀ ବ୍ଲକ୍ ଅବସରପ୍ରାପ୍ତ କର୍ମଚ ।ରୀ ସଂଘର ଜରୁରୀ ଅଧିବେଶନ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସାମୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଗତ୨୦୧୬ ମସିହାଠାରୁ ୨୦୨୬ ମସିହା ଦଶବର୍ଷ ଧରି ରାଜ୍ୟସରକାରଙ୍କୁ ସିଧା ବହୁବାର ୯ ଦଫା ଦାବି ସମ୍ମିଳିତ ପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧୭ ଗୋଟି ବ୍ଲକ୍ ତଥା ଅନୁବନ୍ଧିତ ସଂଗଠନ ଦ୍ୱାରା ସ୍ଥାନୀୟ ବିଡିଓ ,ତହସିଲଦାର, ଉପ- ଜିଲାପାଳ,ଅତିରିକ୍ତ ଜିଲ୍ଲା ପାଳ ଓ ଜିଲ୍ଲାପାଳମାନଙ୍କ ଠାରେ ଦାଖଲ କରିଛି । ସଂଘର କର୍ମକର୍ତା ଓ ସଦସ୍ୟ ସଦସ୍ୟାଗଣ, ଭୁବନେଶ୍ୱର ପି.ଏମ.ଜି . ଛକରେ ପ୍ରତ୍ୟେକ ବର୍ଷ ଧାରଣା ଦେଇ ଆସୁଛନ୍ତି । ଦାବି ମଧ୍ୟରେ ମୁଖ୍ୟତଃ ,ଗତ ମାର୍ଚ୍ଚ ୨୦୨୫ ରେ ସଂସଦରେ ଗୃହୀତ ପେନସନ ଓ ଡିଏ: ନ ବଢିବାର କଳା ଆଇନ ଉଚ୍ଛେଦ ସହ ଚିକିତ୍ସା ଭତା, ବୀମା ବ୍ୟବସ୍ଥା, ବସ ଭଡାରେ ରିହାତି ପ୍ରଦାନ ଏବଂ ପେନସନ ବିଭାଗ ପୁର୍ଣିଥରେ ଚାଲୁ କରିବା, କମ୍ୟୁଟେଡ ପେନସନ ସମୟସୀମା ୧୦ ବର୍ଷକୁ ହ୍ରାସ ଇତ୍ୟାଦି ପ୍ରମୁଖ ଦାବି ମାନ ରହିଅଛି । ତଥାପି ବିଗତ ସରକାର ବା ଏବେର ସରକାର ରାଜ୍ୟସଂଘ ସହ ଆଲୋଚନା ନ କରି ନୀରବ ହୋଇ ବସିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ଦାବିପତ୍ର ଉପରେ ସଂଘୀୟ କର୍ମକର୍ତାଙ୍କୁ ଥରଟିଏ ଡକାଇ ସରକାର ଆଲୋଚନା କରୁନାହାନ୍ତି ।ଏହାର ତୀବ୍ର ପ୍ରତିବାଦ କରିବାକୁ ଯାଇ ଆସନ୍ତା ଅଗଷ୍ଟ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପି: ଏମ୍. ଜି ଛକ, ଭୁବନେଶ୍ୱର ଠାରେ ପରିଣତ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଗଣ ଅହୋରାତ୍ର ଧାରଣା ଦେବାକୁ ଚରମ ନିଷ୍ପତି ଗ୍ରହଣ କରିଅଛନ୍ତି । ଏଥି ନିମନ୍ତେ ବେତନଟୀ ବ୍ଲକ୍ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଓ ସଭାପତି, ରାଜ୍ୟ ସଂଘ ଆନ୍ଦୋଳନକୁ ସଂପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ସଭାରେ ବାସୁଦେବ ନାପିତ, ଯତୀନ୍ଦ୍ର ନାଥ ସାହୁ ହରେନ୍ଦ୍ର ନାଥ ବାରିକ, ରବିନ୍ଦ୍ରନାଥ ମିଶ୍ର, ଦୁର୍ଯ୍ୟୋଧନ ସିଂ, ରବିନାରାୟଣ ପୃଷ୍ଟି, ଗଣେଶ ଚନ୍ଦ୍ର ସାହୁ, ରାଧାକ୍ରିଷ୍ଣ ପାତ୍ର,ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ସହ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଭା ପରିଚାଳନାରେ କମଳଲୋଚନ କର ସହଯୋଗ କରିଥିଲେ ।

## ଓଡିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା : ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଅଜେୟୁ) ମୟୂରଭଞ୍ଜ ଜିଲ୍ଲା ୟୁନିଟ ପକ୍ଷରୁ ବିରୋଧ କରାଯାଇଛି. ଏନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି. ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି. ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି. ସରକାର ଏହି ଦାବି ଉପରେ ତୁରନ୍ତ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନକଲେ, ଅଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି. ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଙ୍ଘ ପକ୍ଷରୁ ସାମ୍ବାଦିକ ଅଭିଜିତ ମହାନ୍ତି, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ମନୋଜ କୁମାର ପଣ୍ଡା, ଦୋଳ ଗୋବିନ୍ଦ ବାରିକ, ସୁକାନ୍ତ କୁମାର ସାହୁ, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ତପନ କୁମାର ଦାସ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା, ରୁପମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ.

## ଜିଲ୍ଲାପାଳଙ୍କ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଇଲି ଘୋଘର ପରିଦର୍ଶନ



ଝାରସୁଗୁଡ଼ା : ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଆଜି ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ଓ ଆଧାତ୍ମିକ ପୀଠ 'କୋଇଲି ଘୋଘର' ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ ଏବଂ ସ୍ଥାନୀୟ ବନାଂଚଳ ଅଧିକାରୀ ପ୍ରମୁଖ ଜିଲ୍ଲାପାଳଙ୍କ ସହିତ ଉପସ୍ଥିତ ଥିଲେ । ପରିଦର୍ଶନ କାଳରେ ଜିଲ୍ଲାପାଳ କୋଇଲି ଘୋଘର ପୀଠର ସମଗ୍ର ପରିସର ବୁଲି ଦେଖିବା ସହ ବର୍ତମାନ ଥିବା ଭିତିଭୂମି ଓ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା ଗୁଡ଼ିକର ଅନୁଧ୍ୟାନ କରିଥିଲେ । ସ୍ଥାନୀୟ ଅଂଚଳରେ ପର୍ଯ୍ୟଟନର ଅଧିକ ବିକାଶ, ସୌନ୍ଦର୍ଯ୍ୟକରଣ ଏବଂ ପର୍ଯ୍ୟଟକମାନଙ୍କୁ ଆବଶ୍ୟକୀୟ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ କେଉଁସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ, ସେ ନେଇ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରି ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋଇଲି ଘୋଘରକୁ ଏକ ପ୍ରମୁଖ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

## ଜାତୀୟ କୃମିନାଶକ ଦିବସ ପାଳିତ

ଭଦ୍ରକ : ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ପଂଚାୟତ ହାଇସ୍କୁଲ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପାଳିତ ହୋଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରି ଥିଲେ । **Healthy Children, Brighter Future**' ବାର୍ତାକୁ ନେଇ ଆୟୋଜିତ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ କୃମି ସଂକ୍ରମଣ ହ୍ରାସ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ଶାରୀରିକ ବିକାଶକୁ ସୁନିଶ୍ଚିତ କରିବା । ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଫେବୃଆରୀ ଓ ଅଗଷ୍ଟରେ ଦୁଇଟି ପର୍ଯ୍ୟାୟରେ କରାଯାଉଛି । ଜିଲ୍ଲାର ସମସ୍ତ ଅଭିଭାବକ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଏହି ଅଭିଯାନକୁ ସଫଳ କରିବା ସହିତ ଯୋଗ୍ୟ ଶିଶୁମାନଙ୍କୁ ନିର୍ଦ୍ଧାରିତ କୃମିନାଶକ ଔଷଧ ସେବନ କରାଇବା ପାଇଁ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି ।

## ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କଲେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୌମ୍ୟେଶ ଆଚାର୍ଯ୍ୟ



ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା (ଟୁରିଜିମ୍ ଡେଭଲପମେଂଟ) ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅଫିସର) ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ସୌମ୍ୟେଶ ଆଚାର୍ଯ୍ୟ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । କାର୍ଯ୍ୟାଳୟରେ ଯୋଗଦାନ କରିବା ପରେ ସେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ଭିତିଭୂମି ବିକାଶ, ପ୍ରାକୃତିକ ଓ ଐତିହାସିକ ସ୍ଥାନଗୁଡ଼ିକର ନବୀକରଣ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସମ୍ଭାବନାର ସୃଷ୍ଟି ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀ ଆଚାର୍ଯ୍ୟ ବର୍ତମାନ ଝାରସୁଗୁଡ଼ା ଜିଲ୍ଲାର ଡେପୁଟି କଲେକ୍ଟର ଭାବେ ପଦସ୍ଥ ଅଛନ୍ତି । ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦାୟିତ୍ୱ ସହିତ ସେ ସ୍ପେଶାଲ ଲ୍ୟାଣ୍ଡ ଏକ୍ୱିଜିସନ ଅଫିସର ଭାବେ ମଧ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ।

## 'ପଲ୍ଲିବିକାଶ'ର ୨୬ତମ ପ୍ରତିଷ୍ଠା ଦିବସ ଆଡ଼ମ୍ବର ସହକାରେ ପାଳିତ




ନୂଆପଡ଼ା (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଚାଲାନପଡ଼ାସ୍ଥିତ 'ପଲ୍ଲିବିକାଶ' ଅନୁଷ୍ଠାନର ୨୬ତମ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ବର୍ଣ୍ଣାଢ଼୍ୟ ସମାରୋହରେ ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ନିଜ ଉଦ୍‌ବୋଧନରେ ସେ କୃଷି ଓ କୃଷକଙ୍କ ସମୃଦ୍ଧି ସହିତ ଗ୍ରାମୀଣ ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା 'ଇ ଟିଭି' ପ୍ରତିନିଧି ମୋତିଲାଲ ବାଗ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ ଏବଂ 'ପଲ୍ଲିବିକାଶ'ର ଅଧ୍ୟକ୍ଷ ସୁରେଶ ରାଉତଙ୍କ ସମେତ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମଂଚାସୀନ ହୋଇଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ମା' ଲକ୍ଷ୍ମୀଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା । ଏହାପରେ ଆୟୋଜକଙ୍କ ତରଫରୁ ସମସ୍ତ ଅତିଥିଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକୀ ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମାବେଶରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳା ଏବଂ ବିଭିନ୍ନ କୃଷକ ସଂଗଠନର କୃଷକ ଭାଇମାନେ ଯୋଗଦେଇଥିଲେ । ବିଶେଷକରି ସରକାରଙ୍କ 'ଶ୍ରୀଅନ୍ନ ଯୋଜନା'ର ସଫଳ କାର୍ଯ୍ୟକାରିତା, ଏହାର ପୁନରୁଦ୍ଧାର ଏବଂ ଚାଷୀମାନଙ୍କୁ କୃଷି କ୍ଷେତ୍ରରେ କିପରି ଅଧିକରୁ ଅଧିକ ସହାୟତା ଯୋଗାଇ ଦିଆଯାଇପାରିବ, ସେ ନେଇ ଗମ୍ଭୀର ଆଲୋଚନା ଓ ଚିନ୍ତନ କରାଯାଇଥିଲା ।

## ୫ ବର୍ଷ ପରେ ବି ନିର୍ମାଣ ହୋଇପାରିନି ସ୍ଥାୟୀ ପୋଲ



ରାୟଗଡ଼ା : (ନିପ୍ର) ଆଦିବାସୀ ଦମ୍ପତିଙ୍କ ଉଦାରପଣ । ନିଜ ଖର୍ଚ୍ଚରେ ଏବଂ ପଣସପଦର ଗ୍ରାମବାସୀଙ୍କ ଶ୍ରମ ଦାନ ଯୋଗୁଁ ୫ ବର୍ଷ ତଳେ ନିର୍ମାଣ କରିଥିଲେ ଏକ ଅସ୍ଥାୟୀ କାଠ ପୋଲ । ଗାଁ ବାସୀଙ୍କ ଯାତାୟାତ ପାଇଁ ନିଜ ଟଙ୍କା ଖର୍ଚ୍ଚ କରି ପୋଲ ତିଆରି କରିଥିବା ଏହି ଦମ୍ପତିଙ୍କ ଉଦାରତା ଏବେ ପ୍ରଶଂସା ସାଉଁଟୁଛି । ହେଲେ ୫ ବର୍ଷ ମଧ୍ୟରେ କାଠ ପୋଲଟି ଏବେ ନଷ୍ଟ ହୋଇ ଯାତାୟାତ ପାଇଁ ବିପଦପୂର୍ଣ୍ଣ ହୋଇପଡିଛି । ପ୍ରାୟ ୪ଟି ଗାଁର ଲୋକେ ଏହି ପୋଲ ଉପରେ ନିର୍ଭରଶୀଳ । ସ୍ଥାୟୀ ପୋଲ ନିର୍ମାଣ ପାଇଁ ଏବେ ଦାବି ଜୋର ଧରିଛି । ଯେଉଁ କାଠ ପୋଲ ଉପରେ ଯାତାୟାତ କରୁଛନ୍ତି ଗାଁର ଲୋକେ ଉକ୍ତ କାଠ ପୋଲର ଅବସ୍ଥା ଏବେ ଅତ୍ୟନ୍ତ ଦୟନୀୟ । କେଉଁଠି କାଠ ଭାଙ୍ଗି ଯାଇଛି, ତ ଆଉ କେଉଁଠି ପୋଲର ଅନେକ ଅଂଶ ଦୁର୍ବଳ ହୋଇପଡିଛି । ଯେକୌଣସି ସମୟରେ ଘଟିପାରେ ଅଘଟଣ । ପ୍ରାୟ ୫ ବର୍ଷ ତଳେ ଗାଁ ବାସୀଙ୍କ ଯାତାୟାତ ସମସ୍ୟାକୁ ଦେଖି ଜଣେ ଆଦିବାସୀ ଦମ୍ପତି ଶ୍ୟାମଧର ମାଝୀ ଏବଂ ତାଙ୍କ ସ୍ତ୍ରୀ ନିଜର ୧ ବର୍ଷର ଦରମା ଓ ସୁନା ବନ୍ଧକ କରି ସେହି ଅର୍ଥରେ ଏହି ଅସ୍ଥାୟୀ କାଠ ପୋଲ ନିର୍ମାଣ କରିଥିଲେ । ସରକାରୀ ସହାୟତାକୁ ଅପେକ୍ଷା ନକରି ନିଜ ସାଧ ଅନୁସାରେ ପୋଲ ନିର୍ମାଣ କରି ଅନେକ ଗ୍ରାମବାସୀଙ୍କ ଯାତାୟାତର ବାଟ ସୁଗମ କରିଥିଲେ । ଏହି କାଠ ପୋଲ ଉପରେ ନିର୍ଭର କରୁଛନ୍ତି ଗଡରାମୁହିଁ, ପୁଷଘାଟି, ଟେକ୍ୱିମୁହିଁ , ସିଙ୍ଗିପଟା ଓ ପଣସପଦର ଭଳି ୬ ଖଣ୍ଡ ଗାଁର ଲୋକେ । ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୃଦ୍ଧ, ମହିଳା ଓ ରୋଗୀଙ୍କ ପାଇଁ ମଧ ଏହି ପୋଲ ହେଉଛି ଯାତାୟାତର ମୁଖ୍ୟ ମାଧ୍ୟମ । ପୋଲଟି ନଷ୍ଟ ହୋଇଯିବା ପରେ ଏବେ ଗ୍ରାମବାସୀଙ୍କ ଚିନ୍ତା ବଢିଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ପୋଲ ନଥିଲେ ଯାତାୟାତ ପାଇଁ ଅନେକ ଦୂର ବୁଲି ଯିବାକୁ ପଡେ । ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ମଧ କଷ୍ଟକର ହୋଇପଡେ । ତେଣୁ ଦୀର୍ଘଦିନର ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି ।



# ଜି.ଇ.ଏମ-ସ୍ୱଚ୍ଛତା ଓ ସମାବେଶିତାର ଡିଜିଟାଲ୍ ରତ୍ନ

ସରକାରୀଇ ମାର୍କେଟପ୍ଲେସ୍ (ଜି.ଇ.ଏମ) ସାର୍ବଜନୀନ କ୍ରୟ ନିମନ୍ତେ ଏକ ସ୍ୱଚ୍ଛ, ସମାବେଶୀ ଏବଂ ସକ୍ରିୟ ମଂଚ ପ୍ରଦାନ କରିବାରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ପ୍ଲାଟଫର୍ମ ଭାବରେ ଉଭା ହୋଇଛି, ଯାହା ୧.୩୭ ଲକ୍ଷ ସରକାରୀ କ୍ରେତାଙ୍କୁ ୨୫ ଲକ୍ଷ ବିକ୍ରେତା ଏବଂ ସେବା ପ୍ରଦାନକାରୀଙ୍କ ସହିତ ସଂଯୋଗ କରିଛି । ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ସମସ୍ତ ପ୍ରମୁଖ କ୍ରୟ କାର୍ଯ୍ୟକୁ ଏକକ ଏବଂ ବୃହତ ଡିଜିଟାଲ୍ ବଜାରରେ ସଂଯୋଜିତ କରିବାକୁ ସକ୍ଷମ । ଏହା ସମାବେଶୀ ବିକାଶ ଉପରେ ସରକାରଙ୍କ ଧ୍ୟାନ କେନ୍ଦ୍ରିତ କରିବା ସହିତ ବିଶ୍ୱସ୍ତରୀୟ ସର୍ବୋତମ କାର୍ଯ୍ୟଧାରାଗୁଡ଼ିକୁ ଏକତ୍ର ମିଶ୍ରଣ କରେ, ଏହାକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣର ଏକ ଇଞ୍ଜିନ୍ ଭାବରେ ଉପସ୍ଥାପନ କରିଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୦୧୬ ମସିହାରେ ପଛ ପରିବର୍ତ୍ତନକାରୀ ଡିଜିଟାଲ୍ ପଦକ୍ଷେପ ଆରମ୍ଭ କରିବା ପରଠାରୁ ଏକ ଦଶନ୍ଧି ମଧ୍ୟରେ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ଦୁର୍ନୀତିକୁ ଦୂର କରି ଏବଂ ଛୋଟ ସହରଗୁଡ଼ିକରେ ଷ୍ଟାର୍ଟଅପ୍, ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ), ମହିଳା ଉଦ୍ୟୋଗୀ ଏବଂ ବ୍ୟବସାୟକୁ ପ୍ରୋତ୍ସାହିତ କରି ସାର୍ବଜନୀନ କ୍ରୟ କ୍ଷେତ୍ରରେ ଏକ ବିରାଟ ବିପ୍ଳବ ଆଣିଛି । ଏହି ସରଳ ଓ ଉପଭୋକ୍ତା-ଅନୁକୂଳ ପ୍ଲାଟଫର୍ମ ପ୍ରକୃତରେ ଏକ 'ଜେମ୍' ବା ରତ୍ନ ସଦୃଶ ଯାହା ଅପବାଦରେ ବୁଡି ରହିଥିବା ଯୋଗାଣ ଏବଂ ବିତରଣ ମହାନିର୍ଦ୍ଦେଶାଳୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି, ଯେଉଁଠାରେ ପୂର୍ବରୁ ଏକ ଅସ୍ୱଚ୍ଛ ଏବଂ ଅପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବ୍ୟବସ୍ଥା ଥିଲା ଯାହା କ୍ରୟ ବ୍ୟବସ୍ଥାରେ ସ୍ଥାନୀତ କିଛି ସୁବିଧାପ୍ରାପ୍ତ ଲୋକଙ୍କୁ ଅନୁଚିତ ଲାଭ ପ୍ରଦାନ କରୁଥିଲା । ଯଥାର୍ଥ ଭାବେ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ନୂତନ, ଆଧୁନିକ କାର୍ଯ୍ୟାଳୟ, ବାଣିଜ୍ୟ ଭବନ, ସେହି ଭୂମିରେ ନିର୍ମିତ ହୋଇଛି ଯେଉଁଠାରେ ଏକ ପୁରୁଣା ସଂସ୍ଥା ଏକ ଅନ୍ଧକାରମୟ କୁଖ୍ୟାତି ଅର୍ଜନ କରିଥିଲା । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଭାବେ, ୯ ଅଗଷ୍ଟ ୨୦୧୬ରେ ଆରମ୍ଭ ହୋଇଥିବା (ଜି.ଇ.ଏମ) ତାହାର ଅଗ୍ରଣୀ ସେବାର ଦଶ ବର୍ଷ ପୂରଣ କରୁଥିବାରୁ ମୁଁ ଗର୍ବିତ । ଏହା କେବଳ ସଂଖ୍ୟାଗତ ସଫଳତାକୁ ପାଳନ କରିବାର ଏକ ମାଇଲଖୁଂଟ ନୁହେଁ; ବରଂ ସରକାରୀ କ୍ରୟ ବ୍ୟବସ୍ଥା କିପରି ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରିପାରେ, ସେଥିରେ ଆସିଥିବା ଏକ ମୌଳିକ ଓ ସଫଳ ପରିବର୍ତ୍ତନର ପ୍ରତୀକ । ସ୍ୱଚ୍ଛତା ଏବଂ ବ୍ୟବସାୟ କରିବାର ସହଜତା ଉତ୍ପାଦ ଆବିଷ୍କାର ଏବଂ ବିଡିଂ ଠାରୁ ଚୁକ୍ତି ପ୍ରଦାନ ଏବଂ ଦେୟ ପର୍ଯ୍ୟନ୍ତ ସମଗ୍ର କ୍ରୟ ଜୀବନଚକ୍ରକୁ ଡିଜିଟାଇଜ କରି, ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ବୈଷମ୍ୟକୁ ଦୂର କରିଛି, ନିରପେକ୍ଷ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିଛି ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିଛି । ପ୍ରତ୍ୟେକ କାରବାର ଏକ ଅଡିଟେବଲ୍ ଡିଜିଟାଲ୍ କାର୍ଯ୍ୟଧାରା ଛାଡିଥାଏ, ଯାହା ଦାୟିତ୍ୱ ବୃଦ୍ଧି କରିଥାଏ ଏବଂ ସାର୍ବଜନୀନ କ୍ରୟର ଅଖଣ୍ଡତାକୁ ମଜଭୁତ କରିଥାଏ । ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହଜ ବ୍ୟବସାୟ କାରବାର କରିବା ମିଶନର ଏକ ଶକ୍ତ ମୂଳଦୁଆ । ଏକକ ଡିଜିଟାଲ୍ ୱିଣ୍ଡୋ, ସରଳୀକୃତ ପଞ୍ଜୀକରଣ, ମାନକୀକରଣ ପ୍ରକ୍ରିୟା ଏବଂ ସତର୍କତାମୂଳକ ଜମା ବ୍ୟବସ୍ଥାର ଉଚ୍ଛେଦ ଏବଂ କାରବାର ଚାର୍ଜକୁ ଯୁକ୍ତିଯୁକ୍ତ କରିବା ଭଳି ନିରନ୍ତର ନୀତିଗତ ସଂସ୍କାର ମାଧ୍ୟମରେ, ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ଅଂଶଗ୍ରହଣ ପାଇଁ ପ୍ରତିବନ୍ଧକଗୁଡ଼ିକୁ ଯଥେଷ୍ଟ ହ୍ରାସ କରିଛି ଏବଂ ସାର୍ବଜନୀନ କ୍ରୟ ନିମନ୍ତେ ଲୋକତାନ୍ତ୍ରିକ ପ୍ରବେଶକୁ ଶକ୍ତିଶାଳୀ କରିଛି । ଆତ୍ମନିର୍ଭର ଭାରତ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ଆତ୍ମନିର୍ଭରଶୀଳତା ଏବଂ ସ୍ୱଦେଶୀ ଉଦ୍ୟୋଗଗୁଡ଼ିକର କାରଣକୁ ଶକ୍ତିଶାଳୀ ଭାବରେ ଆଗକୁ ବଢାଇଛି । ଘରୋଇ ନିର୍ମାତା ଏବଂ ସେବା ପ୍ରଦାନକାରୀଙ୍କୁ ପ୍ରାଥମିକତା ପ୍ରଦାନ ପୂର୍ବକ, ଏହା ସ୍ଥାନୀୟ ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିଛି ଏବଂ ସ୍ୱଦେଶୀ ଉତ୍ପାଦନକୁ ବୃଦ୍ଧି କରିଛି । ପୋର୍ଟାଲରେ ଦିଆଯାଇଥିବା ପ୍ରତ୍ୟେକ ଅର୍ଡର ଭାରତର ଉତ୍ପାଦନ ଦକ୍ଷତା ଏବଂ ଅର୍ଥନୈତିକ ସାର୍ବଭୌମତ୍ୱରେ ଏକ ନିବେଶ । ଉଲ୍ଲେଖନୀୟ ଯେ, ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ପରିମାଣ ଅନୁସାରେ ପ୍ରାୟ ୬୦ ପ୍ରତିଶତ ଅର୍ଡର ଏବଂ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ରେ ମୋଟ ବାଣିଜ୍ୟ ମୂଲ୍ୟ (ଜିଏମଭି) ର ୪୫ ପ୍ରତିଶତରୁ ଅଧିକ ଅଟେ । ସମାବେଶୀ ସାର୍ବଜନୀନ କ୍ରୟ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ, ସବକା ବିକାଶ ମିଶନ ସହିତ ସମାନ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ୍ ଭାବରେ କାର୍ଯ୍ୟ କରେ । ଏହା ଷ୍ଟାର୍ଟ ଅପ୍, କ୍ଷୁଦ୍ର ବ୍ୟବସାୟ ଏବଂ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ କୌଣସି ବାଧା କିମ୍ବା ମଧ୍ୟସ୍ଥି ବିନା ସରକାରୀ କ୍ରେତାମାନଙ୍କୁ ସେମାନଙ୍କର ଉତ୍ପାଦ ଏବଂ ସେବା ପ୍ରଦର୍ଶନ କରିବାର ଏକ ସହଜ ପଥ ପ୍ରଦାନ କରେ । ପ୍ରବେଶରେ ପ୍ରତିବନ୍ଧକଗୁଡ଼ିକୁ ଦୂର କରି ଏବଂ ସାର୍ବଜନୀନ କ୍ରୟ ସକାଶେ ଲୋକତାନ୍ତ୍ରିକୀକରଣ କରି, ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ଦେଶବ୍ୟାପୀ ଛୋଟ ବ୍ୟବସାୟଗୁଡ଼ିକୁ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଅଂଶୀଦାର ହେବା ଏବଂ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିବାକୁ ସଶକ୍ତ କରିଛି । ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ମାଧ୍ୟମରେ ୧୨ ଲକ୍ଷରୁ ଅଧିକ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ ୯ ଲକ୍ଷ କୋଟିରୁ ଅଧିକ ଟଙ୍କା ମୂଲ୍ୟର ସରକାରୀ ଆଦେଶ ପୂରଣ କରିଛନ୍ତି । ଏହା ଫଳରେ ଦେଶର ୨.୨୦ ଲକ୍ଷରୁ ଅଧିକ ମହିଳା ଉଦ୍ୟୋଗୀ ୯୯,୭୧୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅର୍ଡର ହାସଲ କରିଛନ୍ତି, ଯେତେବେଳେ ୪୨,୦୦୦ରୁ ଅଧିକ ଷ୍ଟାର୍ଟ ଅପ୍ ୬୫,୬୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅର୍ଡର ପୂରଣ କରିଛନ୍ତି । ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ୨୩,୧୪୫ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅର୍ଡର ପୂରଣ କରି ୬୯,୦୦୦ରୁ ଅଧିକ ତଫସିଲଭୁକ୍ତ ଜାତି/ ତଫସିଲଭୁକ୍ତ ଜନଜାତି ଉଦ୍ୟୋଗୀଙ୍କୁ ସରକାରୀ କ୍ରୟ ବ୍ୟବସ୍ଥାରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିଛି । ଅଭିବୃଦ୍ଧିର ଉତ୍ପ୍ରେରକ ଏହି ସଫଳତାଗୁଡ଼ିକ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ)ର ଭୂମିକାକୁ ଏକ ଡିଜିଟାଲ୍ କ୍ରୟ ପ୍ଲାଟଫର୍ମ ଅପେକ୍ଷା ଅଧିକ ଭାବରେ ପୁନଃନିର୍ଦ୍ଦିଷ୍ଟ କରେ । ଏହା ସମାବେଶୀ ଅଭିବୃଦ୍ଧି, ଉଦ୍ୟୋଗ ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ଏକ ଉତ୍ପ୍ରେରକ, ଏହା ସୁନିଶ୍ଚିତ କରେ ଯେ ପ୍ରତ୍ୟେକ ଯୋଗ୍ୟ ଉଦ୍ୟୋଗ ଭାରତର ବିକାଶରେ ଯୋଗଦାନ ଦେବା ନିମନ୍ତେ ସମାନ ସୁଯୋଗ ଲାଭ କରେ । ଅନେକ ଦୃଷ୍ଟିରୁ, ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ)ର ଯାତ୍ରା ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ, ସମାବେଶୀ, ନବସୃଜନଶୀଳ ଏବଂ ଡିଜିଟାଲ୍ ଭାବରେ ସାର୍ବଭୌମ ଭାରତର ଏକ ବିକଶିତ ଭାରତ ଦୃଷ୍ଟିକୋଣ ସହିତ ବିକଶିତ ଭାରତ ୨୦୪୭ର ଆକାଂକ୍ଷାକୁ ପ୍ରତିଫଳିତ କରେ । ଯେତେବେଳେ ଆମେ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ)ର ଦ୍ୱିତୀୟ ଦଶନ୍ଧିରେ ପଦାର୍ପଣ କରୁଛୁ, ଆମର ଦୃଷ୍ଟିକୋଣ ହେଉଛି ଏହାକୁ ଏକ ସ୍ମାର୍ଟ, ସବୁଜ ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡପ୍ରାପ୍ତ ପ୍ଲାଟଫର୍ମରେ ବିକଶିତ କରିବା ଯାହା ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରେ ଏବଂ ଅଂଶୀଦାର ମାନଙ୍କ, ବିଶେଷକରି ଆମର ଉଦ୍ଭାବକ, ଷ୍ଟାର୍ଟ ଅପ୍, କ୍ଷୁଦ୍ର ବ୍ୟବସାୟ, ମହିଳା, ଯୁବପିଢ଼ି ଏବଂ ଛୋଟ ସହର ଏବଂ ଅବହେଳିତ ବର୍ଗର ଉଦ୍ୟୋଗୀଙ୍କ ଅଂଶଗ୍ରହଣକୁ ବ୍ୟାପକ କରିଥାଏ । ଭାରତର ସବୁଠାରୁ ସଫଳ ଡିଜିଟାଲ୍ କ୍ରୟ ଇକୋସିଷ୍ଟମ ମଧ୍ୟରୁ ଗୋଟିଏ ଭାବରେ, ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ଉଦାହରଣ ଦିଏ ଯେ କିପରି ପ୍ରଯୁକ୍ତିବିଦ୍ୟା, ଡାଟା ବିଶ୍ଳେଷଣ, କୃତ୍ରିମ ବୁଦ୍ଧିମତା ଏବଂ ବ୍ୟବହାରକାରୀ-କେନ୍ଦ୍ରିକ ଡିଜାଇନ୍ ସାଧାରଣ ଖର୍ଚ୍ଚରେ ଗତି, ଦକ୍ଷତା ଏବଂ ଅର୍ଥର ମୂଲ୍ୟ ପ୍ରଦାନ କରିପାରିବ । ଗତ ଦୁଇ ଆର୍ଥିକ ବର୍ଷ ମଧ୍ୟରେ, ପ୍ଲାଟଫର୍ମ ବାର୍ଷିକ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ.)ରେ ୫ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି, ଯାହା ସଂଚୟିତ ମୂଲ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି । ଏହା ବର୍ତ୍ତମାନ ୧୦,୬୪୪ଟି ଉତ୍ପାଦ ବର୍ଗ ଏବଂ ୩୫୦ଟି ସେବା ବର୍ଗକୁ ନିଜ ପରିସରରେ ସାମିଲ କରିଛି । ଜୀବନ ରକ୍ଷାକାରୀ ଔଷଧ ଏବଂ ଟୀକାଗୁଡ଼ିକ ହସ୍ପିଟାଲରେ ଶୀଘ୍ର ପହଂଚିବା, ପ୍ରତିରକ୍ଷା ସାମଗ୍ରୀ ଏବଂ ଡ୍ରୋନକୁ ଦକ୍ଷତାର ସହିତ ପହଂଚାଇବା, ଶ୍ରେଣୀଗୃହକୁ ପରିବର୍ତ୍ତନକାରୀ ଗୁଣାତ୍ମକ ଉପକରଣ, କିମ୍ବା ଗ୍ରାମଗୁଡ଼ିକୁ ଶକ୍ତି ପ୍ରଦାନ କରୁଥିବା ନିର୍ଭରଯୋଗ୍ୟ ଭିତିଭୂମି ହେଉ, ସ୍ୱଚ୍ଛ ଏବଂ ଦକ୍ଷ କ୍ରୟ ସାଧାରଣ ସେବାର ଉନ୍ନତ ବିତରଣ ଏବଂ ସମ୍ବଳର ସର୍ବୋତମ ବ୍ୟବହାରକୁ ଏହା ସୁନିଶ୍ଚିତ କରେ । ଏହି ପରିବର୍ତ୍ତନର ବାସ୍ତବ ହିତାଧିକାରୀ ହେଉଛନ୍ତି ଭାରତର ନାଗରିକ । ଆଇ.ଆଇ.ଟି., ଦିଲ୍ଲୀ (ଜୁଲାଇ- ଅଗଷ୍ଟ ୨୦୨୬) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ମାଧ୍ୟମରେ କ୍ରୟ ଫଳରେ ଗତ ତିନି ଆର୍ଥିକ ବର୍ଷ (ଆର୍ଥିକ ବର୍ଷ ୨୦୨୩-୨୪ ଠାରୁ ଆର୍ଥିକ ବର୍ଷ ୨୦୨୫-୨୬) ମଧ୍ୟରେ ୮୬,୫୭୧.୬୯ କୋଟି ଟଙ୍କାର ଆର୍ଥିକ ଲାଭ ହୋଇଛି, ଯେଉଁଥିରେ ମୂଲ୍ୟ ଏବଂ ପ୍ରକ୍ରିୟା ଦକ୍ଷତା ବୃଦ୍ଧି ଅନ୍ତର୍ଭୁକ୍ତ । ସେହିପରି, ଅଧ୍ୟୟନରେ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ)ରେ ଥିବା ୧୦୧ ଉତ୍ପାଦଗୁଡ଼ିକୁ ଫ୍ଲିପକାର୍ଟ, ଆମାଜନ, ଇଣ୍ଡିଆମାର୍ଟ ଇତ୍ୟାଦି ପ୍ଲାଟଫର୍ମରେ ସମାନ ସାମଗ୍ରୀ ସହିତ ତୁଳନା କରାଯାଇଥିଲା । ଏହା ଜାଣିବାକୁ ମିଳିଥିଲା ଯେ ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ)ର ମୂଲ୍ୟ ୭୪.୩ ପ୍ରତିଶତ ସାମଗ୍ରୀରେ ଶସ୍ତା ଥିଲା, ଯାହା ଫଳରେ ମୋଟାମୋଟି ପ୍ରାୟ ୧୩.୬% ସଂଚୟ ହୋଇଛି । ସରକାରୀ ଇ-ମାର୍କେଟପ୍ଲେସ୍ (ଜି.ଇ.ଏମ) ପୋର୍ଟାଲ୍ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଉଦ୍ଦେଶ୍ୟକୁ ଚଳାଇବାରେ ଏକ ପ୍ରମୁଖ ଇଞ୍ଜିନ୍ ଭାବରେ ଉଭା ହୋଇଛି । ଏହା ସମାଜର ଅବହେଳିତ ବର୍ଗକୁ ସଶକ୍ତ ଏବଂ ଉତାନ କରେ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରେ ଏବଂ ଏହା ସୁନିଶ୍ଚିତ କରେ ଯେ କରଦାତାଙ୍କ ଟଙ୍କା ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ କ୍ରୟ ପାଇଁ ଦକ୍ଷତାର ସହିତ ବ୍ୟବହୃତ ହେଉଛି ।



ଶ୍ରୀ ପୀୟୁଷ ଗୋୟଲ

***(ଲେଖକ କେନ୍ଦ୍ର ସରକାରରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଅଛନ୍ତି)***

# ଟ୍ରିବ୍ୟୁନାଲ ସଂସ୍କାର: ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବ, ନ୍ୟାୟକୁ ଆଗେଇ ନେବ

## ସହଜ ନ୍ୟାୟ, ସହଜ ବ୍ୟବସାୟ ଏବଂ ବିକଶିତ ଭାରତ ୨୦୪୭ ପାଇଁ ଏକ ସଂସ୍କାରମୂଳକ ରୋଡମ୍ୟାପ୍

ଶ୍ରୀ ଅର୍ଜୁନ ରାମ ମେଘୱାଲ

ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତର ଯାତ୍ରା ସଂସ୍କାରର ଏମିତି ଏକ କାହାଣୀ, ଯାହା 'ଆମ ଭାରତର ଲୋକମାନଙ୍କର' ସମ୍ଭାବନା ଏବଂ ଆକାଂକ୍ଷା ସହିତ ସମନ୍ୱିତ । ଏହା କେବଳ ଅର୍ଥନୈତିକ ଅଭିବୃଦ୍ଧି, ଭିତିଭୂମି ଏବଂ ପ୍ରଯୁକ୍ତିର କାହାଣୀ ନୁହେଁ, ବରଂ ସାଂଗଠନିକ ସଂସ୍କାରର ମଧ୍ୟ ଏକ ଯାତ୍ରା । ଭାରତୀୟ ଅର୍ଥ ବ୍ୟବସ୍ଥା ବିସ୍ତାରିତ ହେବା ସହିତ, ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି ଏବଂ ନିବେଶ ବୃଦ୍ଧି ପାଉଛି ଏବଂ ଦେଶ ବିଶ୍ୱ ଯୋଗାଣ ଶୃଙ୍ଖଳରେ ନିଜର ସ୍ଥିତିକୁ ମଜବୁତ କରୁଛି । ତେଣୁ ଆର୍ଥିକ କାର୍ଯ୍ୟକଳାପକୁ ସମର୍ଥନ କରୁଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ଗତି, ସ୍ୱଚ୍ଛତା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ ବିକଶିତ ହେବାକୁ ପଡିବ । ସମ୍ପ୍ରତି ପାସ୍ ହୋଇଥିବା 'ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ୨୦୨୬' ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍ ଏବେ ଆବଶ୍ୟକୀୟ ସଂସଦୀୟ ଅନୁମୋଦନ ଲାଭ କରିଛି ଏବଂ ଆଇନରେ ପରିଣତ ହୋଇଛି । ଏହା ଦ୍ୱାରା ଟ୍ରିବ୍ୟୁନାଲଗୁଡ଼ିକର ମୂଳ କ୍ଷେତ୍ରାଧିକାରକୁ ପରିବର୍ତ୍ତନ ନକରି ସେମାନଙ୍କର ଶାସନ ଢାଂଚାକୁ ସୁଦୃଢ଼ କରିବାକୁ ଚେଷ୍ଟା କରାଯାଇଛି । ଏହାର ମୂଳ ଲକ୍ଷ୍ୟ ହେଉଛି ସାଂଗଠନିକ, ଅର୍ଥାତ୍ ନିଯୁକ୍ତି, ଶାସନ, ସ୍ୱଚ୍ଛତା, ସେବା ସର୍ତାବଳୀ, ସ୍ୱାଧୀନତା ଏବଂ ଦକ୍ଷତାରେ ଉନ୍ନତି । ଏହି ଅର୍ଥରେ, ଏହି ବିଲ୍ ଭାରତର ଆଇନଗତ ଏବଂ ନିୟାମକ ପାରିବେଶିକ ବ୍ୟବସ୍ଥାକୁ ଅଧିକ ଆଧୁନିକ, ପୂର୍ବାନୁମାନଯୋଗ୍ୟ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଏକ ବ୍ୟାପକ ସଂସ୍କାର ଯାତ୍ରାର ପରବର୍ତୀ ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରେ । ଗତ ଦଶନ୍ଧି ଧରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ, ଦେଶ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ସାଂରଚନିକ ସଂସ୍କାର ଦେଖିଛି । ଜିଏସଟି ପରୋକ୍ଷ କରକୁ ରୂପାନ୍ତରିତ କରିଛି ; ଋଣ ଖିଲାପୀ ଏବଂ ଦେବାଳିଆ କୋଡ୍, ଋଣ ଖିଲାପୀ ସମାଧାନ ଢାଂଚାକୁ ସୁଦୃଢ଼ କରିଛି ; ଗିଫ୍ଟ ସିଟିର ଆର୍ଥିକ ଭିତିଭୂମି, ଜନ ବିଶ୍ୱାସ ପଦକ୍ଷେପ ଅପରାଧମୁକ୍ତିକରଣକୁ ଆଗକୁ ବଢାଇଛି ଏବଂ ଅନୁପାଳନର ବୋଝ ହ୍ରାସ କରିଛି । ଏହା ସହିତ ଡିଜିଟାଲ ଇଣ୍ଡିଆ ପ୍ରଶାସନକୁ ପ୍ରଯୁକ୍ତି ବିଦ୍ୟା ସହିତ ସଂଯୋଗ କରିଛି ; ହଜାର ହଜାର ଅନୁପାଳନ ହ୍ରାସ କରାଯାଇଛି ; ଉପନିବେଶ ଯୁଗର ଆଇନକୁ ହଟାଇ ଦିଆଯାଇଛି; ଏବଂ ନୂତନ ଅପରାଧ ଆଇନ ଫୌଜଦାରୀ ନ୍ୟାୟ ଢାଂଚାକୁ ଆଧୁନିକୀକରଣ କରିଛି । ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍ ସ୍ୱାଭାବିକ ଭାବରେ 'ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତର' ର ଏହି ବ୍ୟାପକ ଦାର୍ଶନିକ ଦୃଷ୍ଟିକୋଣ ସହିତ ଖାପ ଖୁଆଇଥାଏ । ଆଧୁନିକ ଅର୍ଥ ବ୍ୟବସ୍ଥାର ଆବଶ୍ୟକତା ଦୃଷ୍ଟିରୁ ବିଚାର କଲେ ଟ୍ରିବ୍ୟୁନାଲ ସଂସ୍କାରର ଗୁରୁତ୍ୱ ସ୍ପଷ୍ଟ ହୋଇଯାଏ । ଟ୍ରିବ୍ୟୁନାଲଗୁଡ଼ିକ ଟିକସ, କମ୍ପାନୀ ଆଇନ, ସିକ୍ୟୁରିଟିଜ୍ (ପ୍ରତିଭୂତି), ପରିବେଶ ଏବଂ ଅନ୍ୟାନ୍ୟ ନିୟାମକ ବିଷୟ ଭଳି ବିଶେଷ କ୍ଷେତ୍ର ସହିତ କାର୍ଯ୍ୟ କରନ୍ତି । ସେମାନଙ୍କର ଉଦ୍ଦେଶ୍ୟ ସାମ୍ବିଧାନିକ ଅଦାଲତଗୁଡ଼ିକର ସ୍ଥାନ ନେବା ନୁହେଁ, ବରଂ ସ୍ୱତନ୍ତ୍ର ବିଚାର ପ୍ରଦାନ କରି ଏବଂ ଦ୍ରୁତ ଏବଂ ପ୍ରଭାବଶାଳୀ ନ୍ୟାୟ ପ୍ରଦାନରେ ଯୋଗଦାନ ଦେଇ ନ୍ୟାୟିକ ବ୍ୟବସ୍ଥାକୁ ପରିପୂରକ କରିବା । ଏକ ବର୍ଦ୍ଧିତ ଅର୍ଥ ବ୍ୟବସ୍ଥାରେ ଏକ ବିବାଦ କ୍ୱଚିତ୍ କେବଳ ହିସାବ, ଗଣନା କିମ୍ବା ଆଇନଗତ ଅସଙ୍ଗତିର ପ୍ରଶ୍ନ ହୋଇଥାଏ । ଏକ ବିବାଦ ପଛରେ ଜଣେ ଉଦ୍ୟୋଗୀଙ୍କ ଆତ୍ମବିଶ୍ୱାସ, ଏକ ଶିଳ୍ପର ନିବେଶ, ଏକ ବ୍ୟବସାୟର ଭବିଷ୍ୟତ, ନିଯୁକ୍ତି ସୁଯୋଗ ଏବଂ ଆର୍ଥିକ କାର୍ଯ୍ୟକଳାପର ନିରନ୍ତରତା ଭଳି କାରଣ ରହିପାରେ । ଯେତେବେଳେ ବିବାଦଗୁଡ଼ିକର ସମାଧାନ ସମୟୋଚିତ ଏବଂ ନିରପେକ୍ଷ ଭାବରେ କରାଯାଏ, ସେତେବେଳେ ପୁଞ୍ଜି ଉତ୍ପାଦନଶୀଳ ସଂଚାଳନକୁ ଫେରିପାରିବ ଏବଂ ଅର୍ଥନୈତିକ ବ୍ୟବସ୍ଥାରେ ବିଶ୍ୱାସ ମଜବୁତ ହେବ । ତେଣୁ, ନ୍ୟାୟର ସହଜତା ଏବଂ ବ୍ୟବସାୟ କରିବାର ସହଜତା ଗଭୀର ଭାବରେ ପରସ୍ପର ସହିତ ଜଡିତ ଏବଂ ଏହା ସମାନ ମୁଦ୍ରାର ଦୁଇଟି ପାର୍ଶ୍ୱ । ୧୯୭୬ ମସିହାରେ ୪୨ତମ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ପ୍ରଚଳିତ ସମ୍ବିଧାନର ଧାରା ୩୨୩କ ଏବଂ ୩୨୩ଖ, ବିଶେଷ ବିଚାର ବ୍ୟବସ୍ଥାର ଆବଶ୍ୟକତାକୁ ସ୍ୱୀକାର କରି, ସେବା ମାମଲା ସହିତ ଜଡିତ ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ନିର୍ଦ୍ଦିଷ୍ଟ ବିଷୟ ସହିତ ଜଡିତ ଅନ୍ୟାନ୍ୟ ଟ୍ରିବ୍ୟୁନାଲ ପାଇଁ ଭିତିଭୂମି ସ୍ଥାପନ କରିଥିଲା । କିନ୍ତୁ, ସମୟ ସହିତ, ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ଟ୍ରିବ୍ୟୁନାଲ୍ ଇକୋସିଷ୍ଟମ୍ ବିକଶିତ ହେଲା, ଯାହା ଫଳରେ ବିଭାଜନ, ପ୍ରଶାସନିକ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଏବଂ ବହୁବିଧ ପ୍ରକ୍ରିୟା ସୃଷ୍ଟି ହେଲା । ଯୁକ୍ତିଯୁକ୍ତକରଣର ଆବଶ୍ୟକତାକୁ ସ୍ୱୀକାର କରି , ମୋଦୀ ସରକାର ୨୦୧୫ ମସିହାରେ ଟ୍ରିବ୍ୟୁନାଲ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ । ଆର୍ଥିକ ଆଇନ, ୨୦୧୭ ସମାନ ପ୍ରକୃତିର ଟ୍ରିବ୍ୟୁନାଲଗୁଡ଼ିକୁ ମିଶ୍ରଣ କରିଥିଲା ଏବଂ ସେମାନଙ୍କର ସଂଖ୍ୟା ୨୬ ରୁ ୧୯ କୁ ହ୍ରାସ କରିଥିଲା, ତା'ପରେ ୨୦୧୭ ଏବଂ ୨୦୨୦ ରେ ଟ୍ରିବ୍ୟୁନାଲ ନିୟମ ପ୍ରଣୟନ କରାଯାଇଥିଲା । ପରବର୍ତୀ ସମୟରେ, ଟ୍ରିବ୍ୟୁନାଲ ସଂସ୍କାର ଅଧ୍ୟାଦେଶ, ୨୦୨୧ ଏବଂ ଟ୍ରିବ୍ୟୁନାଲ ସଂସ୍କାର ଆଇନ, ୨୦୨୧ ଟ୍ରିବ୍ୟୁନାଲ ସଂଖ୍ୟାକୁ ୧୯ ରୁ ୧୬ କୁ ହ୍ରାସ କରିଥିଲା । ତଥାପି, ନ୍ୟାୟିକ ସ୍ୱାଧୀନତା ଏବଂ କ୍ଷମତା ପୃଥକୀକରଣର ବିପରୀତ ବୋଲି ଦର୍ଶାଇ ଅନେକ ବ୍ୟବସ୍ଥା ସୁପ୍ରିମକୋର୍ଟ ଦ୍ୱାରା ରଦ୍ଦ କରାଯାଇଥିଲା । ନ୍ୟାୟିକ ଆଲୋଚନା, ଯେପରିକି ରୋଜର୍ ମାଥ୍ୟୁ, ମାଡ୍ରାସ ବାର୍ ଆସୋସିଏସନ୍ ମାମଲା ଏବଂ ୧୯ ନଭେମ୍ବର, ୨୦୨୫ରେ ସୁପ୍ରିମକୋର୍ଟଙ୍କ ରାୟ , ନିରନ୍ତର ଗୁରୁତ୍ୱାରୋପ କରିଛି ଯେ ଟ୍ରିବ୍ୟୁନାଲ୍ ସଦସ୍ୟଙ୍କ ନିଯୁକ୍ତି, କାର୍ଯ୍ୟକାଳ ଏବଂ ସେବା ସର୍ତାବଳୀ ସମ୍ପର୍କରେ ନ୍ୟାୟିକ ସ୍ୱାଧୀନତା ବଜାୟ ରହିବା ଉଚିତ୍ । ଏବଂ ସେମାନେ କାର୍ଯ୍ୟନିର୍ବାହୀ ନିୟନ୍ତ୍ରଣରୁ ମୁକ୍ତ ହେବା ଉଚିତ; ଅଧିକନ୍ତୁ, ଏକ ସ୍ୱଚ୍ଛ ଏବଂ ସ୍ୱାଧୀନ ଜାତୀୟ ଟ୍ରିବ୍ୟୁନାଲ୍ କମିଶନର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ, ଏବଂ ଏହି ସାମ୍ବିଧାନିକ ଏବଂ ନ୍ୟାୟିକ ନୀତି ଦ୍ୱାରା ପରିଚାଳିତ, ଏକ ଆଧୁନିକ, ସ୍ୱାଧୀନ ଏବଂ ସମାନ ଟ୍ରିବ୍ୟୁନାଲ୍ ପାରିବେଶିକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍, ୨୦୨୬ ଅଣାଯାଇଛି । ବିଲ୍ର ମୂଳରେ ପ୍ରସ୍ତାବିତ ଜାତୀୟ ଟ୍ରିବ୍ୟୁନାଲ୍ସ କମିଶନ (ଏନଟିସି) ରହିଛନ୍ତି । ଏହି କମିଶନ ଜାତୀୟ ଟ୍ରିବ୍ୟୁନାଲ୍ସ କମିଶନ ଅଧୀନରେ ୧୬ଟି ଟ୍ରିବ୍ୟୁନାଲକୁ ଆଣିବେ, ଯାହା ସେମାନଙ୍କର ଶାସନ ଏବଂ ପ୍ରଶାସନ ପାଇଁ ଏକ ସାଧାରଣ ସଂସ୍ଥାଗତ ଢାଂଚା ସୃଷ୍ଟି କରିବ । କମିଶନର ନେତୃତ୍ୱ ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି କିମ୍ବା ଜଣେ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତିଙ୍କୁ ଦିଆଯିବାର ପ୍ରସ୍ତାବ ରହିଛି, ଯାହାକୁ ଦୁଇଜଣ ନ୍ୟାୟିକ ସଦସ୍ୟ ଏବଂ ଦୁଇଜଣ ବୈଷୟିକ ସଦସ୍ୟ ସମର୍ଥନ କରିବେ । ଏହି ଗଠନ ଟ୍ରିବ୍ୟୁନାଲ୍ ପାରିବେଶିକ ବ୍ୟବସ୍ଥାର ପରିଚାଳନାରେ ନ୍ୟାୟିକ ବିଶେଷଜ୍ଞତା ଏବଂ ବୈଷୟିକ ବିଶେଷଜ୍ଞତାକୁ ଏକାଠି କରିବାକୁ ଚେଷ୍ଟା କରେ । ନିଯୁକ୍ତି ପ୍ରକ୍ରିୟାରେ ଏନଟିସି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପରିକଳ୍ପନା କରାଯାଇଛି, ଯେଉଁଥିରେ ସନ୍ଧାନ- ତଥା -ଚୟନ, ନିଯୁକ୍ତି, ତଦନ୍ତ ଏବଂ ଅପସାରଣ-ସମ୍ବନ୍ଧୀୟ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟଗୁଡ଼ିକ ପାଇଁ ଏକ ସାଂଗଠନିକ ଢାଂଚା ସୃଷ୍ଟି କରି, ବିଲ୍ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସଂରଚିତ, ଯୋଗ୍ୟତା-ଭିତିକ ଏବଂ ସ୍ୱାଧୀନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏକ ଉତ୍ସର୍ଗୀକୃତ ଏନଟିସି ସଚିବାଳୟ ମଧ୍ୟ ପ୍ରସ୍ତାବିତ ହୋଇଛି, ଯାହା ଟ୍ରିବ୍ୟୁନାଲଗୁଡ଼ିକରେ ସମାନ ପ୍ରକାରର ଶାସନର ଉଦ୍ଦେଶ୍ୟକୁ ସମର୍ଥନ କରେ । ଏକ ସିଷ୍ଟମରେ ସମାନତା ବିଶେଷ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ଟ୍ରିବ୍ୟୁନାଲଗୁଡ଼ିକ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରନ୍ତି କିନ୍ତୁ ସାଧାରଣ ସଂସ୍ଥାଗତ ଆବଶ୍ୟକତା ଗୁଡ଼ିକୁ ଅଂଶୀଦାର କରନ୍ତି । ନିଯୁକ୍ତି, ସେବା ସର୍ତାବଳୀ ଏବଂ ଚୟନ ପ୍ରକ୍ରିୟା ପାଇଁ ସ୍ପଷ୍ଟ ମାନଦଣ୍ଡ ଏବଂ ଜାତୀୟ ଟ୍ରିବ୍ୟୁନାଲ ଡାଟା ଗ୍ରୀଡ୍ ପ୍ରଶାସନିକ ବିଭେଦକୁ ହ୍ରାସ କରିବ ଏବଂ ଟ୍ରିବ୍ୟୁନାଲ ପାରିବେଶିକ ବ୍ୟବସ୍ଥାରେ ଅଧିକ ସ୍ଥିରତା ସ୍ଥାପନ କରିବାରେ ସାହାଯ୍ୟ କରିବ । ଆଇନ ଅନୁଯାୟୀ ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ପାଇଁ ପାଂଚ ବର୍ଷର କାର୍ଯ୍ୟକାଳ ବାଧ୍ୟତା ମୂଳକ, ନିର୍ଦ୍ଧାରିତ ଉପର ବୟସ ସୀମା ସହିତ, ଏକ ପୃଥକ ସର୍ବନିମ୍ନ ବୟସ ଆବଶ୍ୟକତା ସ୍ଥିର କରାଯାଇ ନାହିଁ । ଦରମା, ଭତା ଏବଂ ଅନ୍ୟାନ୍ୟ ସେବା ସର୍ତାବଳୀ ନିୟମ ମାଧ୍ୟମରେ ନିୟନ୍ତ୍ରିତ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏପରି ସ୍ପଷ୍ଟତା ଗୁରୁତ୍ୱପୂର୍ଣ୍ଣ, କାରଣ ପୂର୍ବାନୁମାନଯୋଗ୍ୟ ସେବା ସର୍ତାବଳୀ ସଂସ୍ଥାଗତ ସ୍ଥିରତା ଏବଂ ନ୍ୟାୟିକ ସ୍ୱାଧୀନତା ସହିତ ଘନିଷ୍ଠ ଭାବରେ ଜଡିତ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବିଲ୍ ବ୍ୟକ୍ତିଗତ ଟ୍ରିବ୍ୟୁନାଲର ମୂଳ କ୍ଷେତ୍ରାଧିକାରକୁ ପରିବର୍ତ୍ତନ କରେ ନାହିଁ । ସେମାନଙ୍କର କ୍ଷେତ୍ରାଧିକାର ସେମାନଙ୍କର ନିଜ ନିଜ ମୂଳ ନିୟମ ଦ୍ୱାରା ନିର୍ଣ୍ଣୟ କରାଯିବ । ଏହି ପାର୍ଥକ୍ୟ ସଂସ୍କାରକୁ ବୁଝିବା ପାଇଁ ଗୁରୁତ୍ୱପୂର୍ଣ୍ଣ : ବିଲ୍ କ୍ଷେତ୍ରାଧିକାର ପୁନଃବଂଟନ ସମ୍ପର୍କିତ ନୁହେଁ; ଏହା ସେହି ସାଂଗଠନିକ ସ୍ଥାପତ୍ୟକୁ ସୁଦୃଢ଼ କରିବା ବିଷୟ ସହିତ ଜଡିତ ଯାହା ମାଧ୍ୟମରେ ସେହି କ୍ଷେତ୍ରାଧିକାର ପ୍ରୟୋଗ କରାଯାଏ । ତେଣୁ ଟ୍ରିବ୍ୟୁନାଲ ସଂସ୍କାର ବିଲ୍କୁ ସାମ୍ବିଧାନିକ ନୀତି ସହିତ ନ୍ୟାୟିକ ପ୍ରଶାସନକୁ ସମନ୍ୱିତ କରିବାର ଏକ ପ୍ରୟାସ ଭାବରେ ଦେଖାଯାଇପାରେ । ଏକ ଟ୍ରିବ୍ୟୁନାଲ ବ୍ୟବସ୍ଥା ଯାହା ସ୍ୱାଧୀନ, ସ୍ୱଚ୍ଛ, ବୃତିଗତ ଭାବରେ ପରିଚାଳିତ ଏବଂ ସମୟୋଚିତ ନ୍ୟାୟ ପ୍ରଦାନ କରିବାରେ ସକ୍ଷମ, ଆଇନର ଶାସନକୁ ସୁଦୃଢ଼ କରେ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରେ । ଭାରତର ଉଦୀୟମାନ ଅର୍ଥନୀତି ପାଇଁ, ଏହା କେବଳ ପ୍ରଶାସନିକ ସଂସ୍କାର ନୁହେଁ । ଏହା ବିକାଶର ବୃହତର ଭିତିଭୂମିର ଏକ ଅଂଶ । ଏକ ବିକଶିତ ଅର୍ଥନୀତି ପାଇଁ କେବଳ ରାସ୍ତା, ରେଳବାଇ, ବନ୍ଦର, ସମୁଦ୍ରପଥ ଏବଂ ଡିଜିଟାଲ୍ ଭିତିଭୂମି ଆବଶ୍ୟକ ନୁହେଁ, ବରଂ ସମାନ ଭାବରେ ଦୃଢ଼ ଆଇନ ଗତ, ନ୍ୟାୟିକ ଏବଂ ସାଂଗଠନିକ ଭିତିଭୂମି ଆବଶ୍ୟକ । ପ୍ରଭାବଶାଳୀ ଟ୍ରିବ୍ୟୁନାଲଗୁଡ଼ିକ ସେହି ସାଂଗଠନିକ ଭିତିଭୂମିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ଆଇନ ମାଧ୍ୟମରେ ଏକ ସୁପରିଚିତ ସଂସ୍ଥାଗତ ଢାଂଚା ସମୟୋଚିତ ନିଯୁକ୍ତି, ଦକ୍ଷ ପ୍ରଶାସନ, ସ୍ୱଚ୍ଛ ପ୍ରକ୍ରିୟା ଏବଂ ବିବାଦର ପ୍ରଭାବଶାଳୀ ସମାଧାନକୁ ସହଜ କରିବ । ଏହିପରି, ଏହା ଏକ ଟ୍ରିବ୍ୟୁନାଲ୍ ପାରିବେଶିକ ବ୍ୟବସ୍ଥାରେ ଯୋଗଦାନ ଦେବ, ଯାହା ନାଗରିକ, ବ୍ୟବସାୟ ଏବଂ ଅର୍ଥନୀତିର ଆବଶ୍ୟକତା ପ୍ରତି ଅଧିକ ସୁସଙ୍ଗତ, ବିଶ୍ୱସନୀୟ ଏବଂ ପ୍ରତିକ୍ରିୟାଶୀଳ ହେବ । ଏହା ଏକ ଆଧୁନିକ ଅର୍ଥନୀତି ଏବଂ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ରହିଥିବା ଆକାଂକ୍ଷା ନିମନ୍ତେ ଏକ ଉପଯୁକ୍ତ ଆଧୁନିକ ଆଇନଗତ ପାରିବେଶିକ ବ୍ୟବସ୍ଥା ନିର୍ମାଣ ଦିଗରେ ଏକ ପଦକ୍ଷେପ । ଶାସନ, ସାଂସ୍ଥାଗତ ସ୍ୱାଧୀନତା, ସ୍ୱଚ୍ଛତା ଏବଂ ଦକ୍ଷତାକୁ ସୁଦୃଢ଼ କରି, ଏହି ସଂସ୍କାର ନ୍ୟାୟର ସହଜତାକୁ ଆଗକୁ ବଢାଇବା, ବ୍ୟବସାୟ କରିବାର ସହଜତାକୁ ସୁଦୃଢ଼ କରିବା ଏବଂ ଭାରତର ଆଇନଗତ ଏବଂ ସଂସ୍ଥାଗତ ସ୍ଥାପତ୍ୟକୁ ସୁଦୃଢ଼ କରିବାକୁ ଚେଷ୍ଟା କରେ । ଆମ ଦେଶ ବିକଶିତ ଭାରତ ୨୦୪୭ ଆଡକୁ ଅଗ୍ରସର ହେବା ସହିତ ସଂସ୍କାର ଏକ୍ସପ୍ରେସରେ ଦ୍ରୁତ ଗତିରେ ଗତି କରୁଥିବାରୁ, ଜାତୀୟ ବିକାଶରେ ଯୋଗଦାନ ଦେଉଥିବା ପ୍ରତ୍ୟେକ ସଂସ୍ଥାକୁ ସଂସ୍କାରର ଭାବନା ପ୍ରସାରିତ ହେବା ଉଚିତ । ମଜବୁତ ସଂସ୍ଥାଗୁଡ଼ିକ ଆତ୍ମ ବିଶ୍ୱାସକୁ ପ୍ରେରଣା ଦିଅନ୍ତି ; ଆତ୍ମବିଶ୍ୱାସ ନିବେଶକୁ ଆଗେଇ ଆଣେ ; ନିବେଶ ଅର୍ଥନୈତିକ ଅଭିବୃଦ୍ଧିକୁ ଇନ୍ଧନ ଦିଏ ; ଏବଂ ପ୍ରଭାବଶାଳୀ ନ୍ୟାୟ ନିଶ୍ଚିତ କରେ ଯେ ଏହି ଧାର୍ମିକ ଚକ୍ର ଆଇନର ଶାସନ ଉପରେ ପର୍ଯ୍ୟବସିତ ରହିଛି । ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍, ୨୦୨୬ ଏହି ଚକ୍ରକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

***ଲେଖକ କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅଟନ୍ତି ।***

# ଭିଜିଲାନ୍ସ ଜାଲରେ ଓଡ଼ିଶା କୋ ଅପରେଟିଭ ସୋସାଇଟୀ ସମ୍ପାଦକ

କଟକ(ନିପ୍ର): କୋ-ଅପରେଟିଭ ସୋସାଇଟୀ ପାଣ୍ଠିରୁ ଟ୨୧,୨୮,୦୫୮ଙ୍କା ର ଆର୍ଥିକ ହେରଫେର ମାମଲାରେ ଭିଜିଲାନ୍ସ ଆନନ୍ଦପୁର ସେବା ସମବାୟ ସମିତି (ଏସ ସି ଏସ) / ପି ଏ ସି ଏସ ବାଙ୍କି, ଜିଲ୍ଲା-କଟକର ପୂର୍ବତନ ସମ୍ପାଦକ ଶରତ କୁମାର ନାୟକଙ୍କୁ ଗିରଫ କରିଛି । ଓଡ଼ିଶା ଭିଜିଲାନ୍ସର ଏକ ବ୍ୟାପକ ତଦନ୍ତରୁ ଜଣାପଡିଛି ଯେ ଶ୍ରୀ ନାୟକ ପି ଏ ସି ଏସ ବାଙ୍କିର ବିଭିନ୍ନ ଋଣଗ୍ରହୀତାଙ୍କ ସଦସ୍ୟ (ଋଣଗ୍ରହୀ)ଙ୍କଠାରୁ ସିଧାସଳଖ ଋଣ ପରିଶୋଧ ପାଣ୍ଠି ସଂଗ୍ରହ କରିଥିଲେ । ଯଦିଓ ସେ ଦୈନିକ କାରବାର ଖାତାରେ (ଡେ ବୁକ୍) ପ୍ରକୃତ ସଂଗ୍ରହକୁ ରେକର୍ଡ କରିଥିଲେ, ସେ ଜାଣିଶୁଣି ମୋଟ ସଂଗ୍ରହକୁ କମ୍ ଗଣନା କରି ସରକାରୀ ଆକାଉଂଟିଂ ରେଜିଷ୍ଟର ଗୁଡ଼ିକୁ ରୀତିମତ ଭାବରେ ପରିଚାଳନା କରିଥିଲେ । ପ୍ରକୃତ ଠାରୁ କମ୍ ସଂଗ୍ରହ ସଂଖ୍ୟା ପ୍ରସ୍ତୁତ କରି, ସେ ବ୍ୟକ୍ତିଗତ ଲାଭ ପାଇଁ ବଳକା ଟ.୨୧,୨୮,୦୫୮ଙ୍କା ହଡ଼ପ କରିଥିଲେ, ଯାହା ଫଳରେ ପି ଏ ସି ଏସ ବାଙ୍କି ଏବଂ ସରକାରୀ ରାଜକୋଷକୁ ଯଥେଷ୍ଟ ଆର୍ଥିକ କ୍ଷତି ପହଂଚାଇ ଥିଲା । ଏହି ସଂପର୍କରେ, କାଟାକା । ଆନନ୍ଦପୁର ସେବା ସମବାୟ ସମିତି (ଏସ ସି ଏସ) / ପି ଏ ସି ଏସ ବାଙ୍କି, ଜିଲ୍ଲା-କଟକର ପୂର୍ବତନ ସଚିବ ଶରତ କୁମାର ନାୟକଙ୍କ ବିରୋଧରେ ଭିଜିଲାନ୍ସ ପିଏସ୍ ମାମଲା ନଂ ୨୯ ତାରିଖ ୧୦.୦୮.୨୬ପିସି (ସଂଶୋଧନ) ଆଇନ, ୨୦୧୮/୪୦୯/୪୬୭/୪୬୮/୪୭୧/୪୭୭-ଏ ଆଇପିସି ର ଧାରା ୧୩(୨) ଆର୍/ଡବ୍ଲୁ ୧୩(୧)(ଏ) ଅନୁଯାୟୀ ଦଫା ରୁଜୁ କରାଯାଇଛି । ଗିରଫ ପରେ, ଅଭିଯୁକ୍ତ ଶ୍ରୀ ନାୟକଙ୍କୁ କଟକର ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ କୋର୍ଟକୁ ପଠାଯାଇଛି ଏବଂ ମାମଲାର ତଦନ୍ତ ଜାରି ରହିଛି ।

# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପୁନଃ ପ୍ରଚଳନ ଦାବିରେ ଓଜେୟୁର ଦାବିପତ୍ର ପ୍ରଦାନ

ବୋରିଗୁମ୍ମା(ନି.ପ୍ର.)ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ବଦଳେ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି ।ଏହାକୁ ବିରୋଧ କରି ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପୁର ଡେପୁଟି କଲେକ୍ଟର ସୁନୀଲ କୁମାର କିଲାକାଙ୍କୁ ପ୍ରଦାନ କରାଯାଇଛି । ଏଥି ପୂର୍ବରୁ ଗୋପବନ୍ଧୁ ସାମ୍ବାଦିକ ବିମା ଯୋଜନା ସ୍ୱତନ୍ତ୍ର ଭାବେ ଓଡ଼ିଶାରେ ସାମ୍ବାଦିକଙ୍କ ପାଇଁ କାର୍ଯ୍ୟକାରୀ ହୋଇଅଛି ।କିନ୍ତୁ ବର୍ତମାନ ସରକାର ଏହାକୁ ପରିବର୍ତିତ କରି ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ନିଷ୍ପତି ନେଇଥିବା ଜଣାପଡ଼ିଛି । ତେଣୁ ଏହାର ପ୍ରତିବାଦରେ ଆଜି




ଓଜେୟୁ ତରଫରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ମଧ୍ୟ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ତଥା ସୂଚନା ପ୍ରସାରଣ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବି କରାଯାଇଛି ।ଅତି ଶୀଘ୍ର ବିଭାଗ ତରଫରୁ ଏ ସଂକ୍ରାନ୍ତରେ ବିବୃତି ପ୍ରକାଶ ନ ପାଇଲେ ସାରା ରାଜ୍ୟରେ ଓଜେୟୁ ତରଫରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ସାମ୍ବାଦିକ ସଂଘ କୋରାପୁଟ ଜିଲ୍ଲା ସଭାପତି ରବି ନାୟକ, ସାଧାରଣ ସମ୍ପାଦକ ରବି ଶଙ୍କର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେ .ସାକିଲି ଦୋରା, କୋଷାଧକ୍ଷ ସୁଶୀଳ କୁମାର ଷଡ଼ଙ୍ଗୀ, ଉପ ସଭାପତି ତ୍ରିନାଥ ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଅନୀଲ କୁମାର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର (ଟୁଟୁ)ପଟ୍ଟନାୟକ, ଉପ ସଭାପତି ସୁଜିତ କୁମାର ପଣ୍ଡା,ସାଧାରଣ ପରିଷଦ ସଭ୍ୟ କେ.ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ଏସ ଆଇଆରରେ ଅବ୍ୟବସ୍ଥା !

## ଶୁଣାଣି ତାରିଖ ପରେ ନୋଟିସ; ୪୭୬୩ ମାମଲାକୁ ନେଇ ପ୍ରଶ୍ନ

ଧାମନଗର, (ନି.ପ୍ର.): ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାରେ ଧାମନଗରରୁ ସାମ୍ନାକୁ ଆସିଛି ଗୁରୁତର ଅସଙ୍ଗତି । ଶୁଣାଣି ପାଇଁ ନୋଟିସ ପ୍ରସ୍ତୁତ ହେଲା, ତାରିଖ ଧାର୍ଯ୍ୟ ହେଲା; କିନ୍ତୁ ୪୭୬୩ଟି ମାମଲାରେ ଶୁଣାଣି ତାରିଖ ଅତିକ୍ରାନ୍ତ ହେବା ପରେ ନୋଟିସ୍ ? ପହଂଚିଥିବା ତଥ୍ୟ ପ୍ରକ୍ରିୟାର ସମୟବଦ୍ଧତା ଉପରେ ବଡ଼ ପ୍ରଶ୍ନ ଉଠାଇଛି ।ବିଭାଗୀୟ ରିପୋର୍ଟ ଅନୁଯାୟୀ, ଧାମନଗରର ୩୨୭ଟି ପାର୍ଟ ପାଇଁ ମୋଟ ୩୩,୭୦୬ଟି ନୋଟିସ୍ ? ପ୍ରସ୍ତୁତ ହୋଇଥିଲା । ବର୍ତମାନ ନୋଟିସ୍ ବ[ନ ଶତପ୍ରତିଶତ ହୋଇଥିବା ଦର୍ଶାଯାଇଛି । ହେଲେ ଶୁଣାଣି ତାରିଖ ସରିଯିବା ପରେ ନୋଟିସ୍ ପହଂଚିଥିବା ଘଟଣା ଏବେ ପ୍ରଶାସନିକ କାର୍ଯ୍ୟପ୍ରଣାଳୀକୁ ନେଇ ସନ୍ଦେହ ସୃଷ୍ଟି କରିଛି ।ରିପୋର୍ଟ ଅନୁସାରେ, ମୋଟ ୮୧୦୬ଟି ମାମଲାର ଶୁଣାଣି ତାରିଖ ଅତିକ୍ରାନ୍ତ ହୋଇସାରିଛି । ଏହା ସହିତ ୮୧ ଟି ପୁନଃ ନିର୍ଦ୍ଧାରିତ ଶୁଣାଣି ତାରିଖ ମଧ୍ୟ ସରିଯାଇଛି । ଅନ୍ୟପକ୍ଷରେ ୯୫୬୮ଟି ମାମଲାର ଶୁଣାଣି ଶେଷ ହୋଇଥିବା ତଥ୍ୟ ରହିଛି ।ଏସ୍ ?ଆଇଆ ? ପ୍ରକ୍ରିୟାରେ ୬୭୭୭ଟି ତଥ୍ୟ ଯାଂଚ ହୋଇଥିବାବେଳେ ୮୨ ଟି ତଥ୍ୟ ଯାଂଚ ହୋଇପାରିନାହିଁ । ୨୬୦ଟି ଆବେଦନ ଚୂଡ଼ାନ୍ତ ତାଲିକା ପାଇଁ ଅଯୋଗ୍ୟ ବିବେଚିତ ହୋଇଛି । ସେହିପରି ୧,୯୮,୦୧୯ଟି ମାମଲା ବିଭିନ୍ନ କାରଣରୁ ଚୂଡ଼ାନ୍ତ ପ୍ରକାଶନ ପାଇଁ 'ପାର୍କଡ଼୍ ?' ଅବସ୍ଥାରେ ଥିବାବେଳେ ୧୯୩୦ଟି ମାମଲା ପ୍ରସ୍ତୁତ ନୋଟିସ୍ ? ଆଧାରରେ ଚୂଡ଼ାନ୍ତ ପ୍ରକାଶନ ଅପେକ୍ଷାରେ ରହିଛି ।ଶୁଣାଣି ତାରିଖ ପରେ ନୋଟିସ୍ ? ପହଂଚିଥିବା ୪୭୬୩ଟି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ମିଳିଥିଲା କି ନାହିଁ, ତାହା ଏବେ ମୁଖ୍ୟ ପ୍ରଶ୍ନ । ନୋଟିସ୍ ? ବ[ନରେ ବିଳମ୍ବର କାରଣ କ'ଣ, ଏଥିପାଇଁ କେଉଁ ସ୍ତରରେ ଦାୟିତ୍ୱ ରହିଛି ଏବଂ ପ୍ରଭାବିତ ବ୍ୟକ୍ତିଙ୍କୁ ପୁନଃ ଶୁଣାଣିର ସୁଯୋଗ ଦିଆଯିବ କି ନାହିଁ—ଏସବୁ ପ୍ରଶ୍ନର ସ୍ପଷ୍ଟ ଉତର ଅପେକ୍ଷାରେ ରହିଛି ।ଏସ୍ ?ଆଇଆ ? ଭଳି ଗୁରୁତ୍ୱପୂର୍ଣ୍ଣ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଏଭଳି ବିଳମ୍ବ ଯଦି ସାଧାରଣ ଭୋଟରଙ୍କ ଶୁଣାଣି ସୁଯୋଗକୁ ପ୍ରଭାବିତ କରେ, ତେବେ ଏହାକୁ ହାଲୁକା ଭାବେ ନେବାର ଅବକାଶ ନାହିଁ । ନିର୍ବାଚନ ଆୟୋଗ ଓ ଜିଲ୍ଲା ପ୍ରଶାସନ ଏହି ତଥ୍ୟର ଗମ୍ଭୀରତାକୁ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବା ସହ ସ୍ଥିତି ସ୍ପଷ୍ଟ କରିବାକୁ ଦାବି ହେଉଛି ।

# ବୟସ ତ୍ରୁଟି ଯୋଗୁଁ ଭତାରୁ ବଂଚିତ ୮୦% ଦୃଷ୍ଟିବାଧିତ ଆଦିବାସୀ ମହିଳା, ଘରେ ଭତା ଯୋଗାଇବାକୁ ନିବେଦନ

ନୂଆପଡ଼ା (ନି.ପ୍ର) : ଦୁଇଟି ଭିନ୍ନ ପରିଚୟ ପତ୍ରରେ ବୟସର ତାରତମ୍ୟ ଯୋଗୁଁ ୮୦ ବର୍ଷ ବୟସ୍କା ଭତା ପାଇବାରୁ ବଂଚିତ ହୋଇଛନ୍ତି ଜଣେ ନିଃସହାୟ ଆଦିବାସୀ ଦିବ୍ୟାଙ୍ଗ ମହିଳା । ଏହିଭଳି ଦୁଃଖଦ ଘଟଣା ନୂଆପଡ଼ା ଜିଲ୍ଲା ତୁକଲା ଗ୍ରାମରୁ ସାମ୍ନାକୁ ଆସିଛି ।

ସୂଚନାଯୋଗ୍ୟ, ତୁକଲା ଗ୍ରାମର ନିବାସୀ ଇଛଦେଇ ମାଝୀ ଦୁଇଟି ଚକ୍ଷୁ ହରାଇ ୮୦ ପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଭାବେ ଅତ୍ୟନ୍ତ କଷ୍ଟକର ଜୀବନ ନିର୍ବାହ କରୁଛନ୍ତି । ତାଙ୍କ ପରିଚୟ ପତ୍ରରେ ବୟସଗତ ତ୍ରୁଟି ଥାଇପାରେ, କିନ୍ତୁ ୮୦% ଦିବ୍ୟାଙ୍ଗ ଭାବେ ସେ ମାସିକ ୩,୫୦୦ ଟଙ୍କା ସରକାରୀ ଭତା ପାଇବାର ପୂର୍ଣ୍ଣ ହକଦାର । ପ୍ରଥମେ ତିନି ମାସ ୩,୫୦୦




ଟଙ୍କା ଲେଖାଏଁ ଭତା ମିଳିଥିବା ବେଳେ ବର୍ତମାନ ଭତା ବନ୍ଦ ରହିବା ଯୋଗୁଁ ନିଜର ଗୁଜୁରାଣ ମେ[ାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ତାଙ୍କର ଏହି ଭତା ନିୟମିତ କରିବା ପାଇଁ ବର୍ତମାନ ଦିବ୍ୟାଙ୍ଗ ପ୍ରମାଣପତ୍ରର ଆବଶ୍ୟକତା ରହିଛି । ଅନ୍ୟପଟେ, ଇଛଦେଇ ଜଣେ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ମହିଳା ହୋଇଥିବାରୁ ଭତା ଟଙ୍କା ଆଣିବା ପାଇଁ ପଂଚାୟତ କାର୍ଯ୍ୟାଳୟ କିମ୍ବା ବ୍ୟାଙ୍କକୁ ଯିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ସଂପୃକ୍ତ ଅଧିକାରୀମାନେ ତୁରନ୍ତ ସହାୟତା ହାତ ବଢ଼ାଇ ତାଙ୍କୁ ଘରଦ୍ୱାରରେ ଭତା ଟଙ୍କା ଯୋଗାଇ ଦେବାକୁ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ବିଶେଷ ଅନୁରୋଧ କରିଛନ୍ତି ।

# ଖରୀଆର ରୋଡ ବିଜ୍ଞାପିତ ଅଂଚଳରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ

ନୂଆପଡ଼ା (ନି.ପ୍ର): ନୂଆପଡ଼ା ଜିଲ୍ଲା ଖରୀଆର ରୋଡ ବିଜ୍ଞାପିତ ଅଂଚଳ ପରିଷଦ (ଏନ୍ ?ଏସି) ପକ୍ଷରୁ ଏକ ବିଶାଳ 'ହର ଘର ତ୍ରିରଙ୍ଗା ଯାତ୍ରା' ଆଜି ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ କୁମାର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'ତ୍ରିରଙ୍ଗା ପତାକା ହେଉଛି ଆମ ଦେଶର ସ୍ୱାଭିମାନ, ମାତୃଭୂମିର ସମ୍ମାନ ଏବଂ ଆମର ଆନ, ବାନ, ଶାନ ।'ଏହି ଯାତ୍ରାରେ ନଗର ଅଧ୍ୟକ୍ଷା ଡଃ ସୋନିଆ ଜୈନ ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ, ସମାଜସେବୀ ଗୋଲଡି ଅଗ୍ରୱାଲ, କୁଞ୍ଜଦେବ ମନସୀ, ଅର୍ଜୁନ ଜଗତ ଏବଂ ମହିଳା ମଣ୍ଡଳର ସଦସ୍ୟାଙ୍କ ସମେତ ଶତାଧିକ ନାଗରିକ, କର୍ମୀ ଓ ଦେଶପ୍ରେମୀ



ଯୋଗଦେଇଥିଲେ । ଏକ ବିରାଟ ଜାତୀୟ ପତାକାକୁ ଶୋଭାଯାତ୍ରାରେ ସାମିଲ କରାଯାଇ ସହର ପରିକ୍ରମା କରାଯାଇଥିଲା । ଏହାଦ୍ୱାରା ସମଗ୍ର ଖରୀଆର ରୋଡ ସହର ତ୍ରିରଙ୍ଗାମୟ ହୋଇଉଠିବା ସହ ଦେଶର ସ୍ୱାଧୀନତା ଦିବସ ପୂର୍ବରୁ ଏକ ଅପୂର୍ବ ଦେଶପ୍ରେମର ଉତ୍ସାହ ଦେଖିବାକୁ ମିଳିଥିଲା ।

# ଗଞ୍ଜାମ ବ୍ଲକ ପଣିବନ୍ଧରେ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଓ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

ବ୍ରହ୍ମପୁର /ଛତ୍ରପୁର (ନି.ପ୍ର.): ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦେଶପ୍ରେମର ବାର୍ତା ନେଇ ଗଞ୍ଜାମ ବ୍ଲକର ପଣିବନ୍ଧ ଗ୍ରାମରେ ଆଜି 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନୁଷ୍ଠିତ ହୋଇଛି । ଗ୍ରାମବାସୀଙ୍କ ଅଂଶଗ୍ରହଣରେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ସହ ପରିବେଶ ସୁରକ୍ଷା ପାଇଁ ସାମୂହିକ ସଂକଳ୍ପ ନିଆଯାଇଥିଲା ।ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ



ସମୀର କୁମାର ଜେନା ଯୋଗଦେଇ ଗ୍ରାମବାସୀଙ୍କୁ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍ ?ମୁକ୍ତ ପରିବେଶ ଗଠନ ପାଇଁ ପ୍ରେରଣା ଦେଇଥିଲେ । ନିଜ ଘର ଓ ଆଖପାଖ ପରିବେଶକୁ ପରିଷ୍କାର ରଖିବା ସହ ପ୍ଲାଷ୍ଟିକ୍ ? ବ୍ୟବହାରକୁ ହ୍ରାସ କରିବା ଏବଂ ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ପରିଣତ କରିବା ପାଇଁ ସେ ଗ୍ରାମବାସୀଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ଶ୍ରୀ ଜେନା ଅଂଚଳବାସୀଙ୍କୁ ଜାତୀୟ ପତାକା ବ[ନ କରିବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉତୋଳନ କରି ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତାକୁ ଅଧିକ ବ୍ୟାପକ କରିବା ପାଇଁ ଅନୁରୋଧ କରିଥିଲେ ।

# ସାନମହେଶ୍ୱର ବଜାର ଛକରେ ନୂତନ ଲୋକ ସେବା କେନ୍ଦ୍ର ଉଦ୍‌ଘାଟିତ

ନୂଆପଡା,(ନି.ପ୍ର):ସ୍ଥାନୀୟ ଲୋକଙ୍କୁ ସରକାରୀ ସେବା ସହଜରେ ଯୋଗାଇବା ଉଦ୍ଦେଶ୍ୟରେ ସାନମହେଶ୍ୱର ବଜାର ଛକରେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାରେ ନୂତନ 'ଲୋକ ସେବା କେନ୍ଦ୍ର' ଉଦଘାଟିତ ହୋଇଛି । ଏହି କେନ୍ଦ୍ର ମାଧ୍ୟମରେ ଲୋକମାନେ ତଳେ ଲେଖାଯାଇଥିବା ସେବା ଗୁଡ଼ିକର ଅନ ଲାଇନ ଆବେଦନ କରିପାରିବେ,ବାର୍ଦ୍ଧକ୍ୟ ଭତା,ବିଧବା ଭତା,ବିକଳାଙ୍ଗ ଭତା,ରାସନ କାର୍ଡ,ସୁଭଦ୍ରା ଯୋଜନା,ଆବାସ ଯୋଜନା,ସମେତ ଅନ୍ୟାନ୍ୟ ସୁବିଧା ।କାହାକୁ ମିଳିବ ବିଶେଷ ସହାୟତାକେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ସାନମହେଶ୍ୱର ଗ୍ରାମ ପଂଚାୟତର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ-ବୃଦ୍ଧା, ଗର୍ଭବତୀ ମହିଳା, ବିକଳାଙ୍ଗ ଭାଇ-ଭଉଣୀ ଏବଂ ଅନାଥ ଭାଇ-ଭଉଣୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ନିଜ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନେବା ପାଇଁ ସହାୟତା ମଧ୍ୟ ଯୋଗାଇ ଦିଆଯିବ ।ଏହି ଲୋକ ସେବା କେନ୍ଦ୍ର ଖୋଲିବା ଦ୍ୱାରା ଅଂଚଳବାସୀ ସରକାରୀ ଯୋଜନାର ଲାଭ ସହଜରେ ପାଇପାରିବେ ବୋଲି ଆଶା କରାଯାଉଛି ।

# କୃଷି କାର୍ଯ୍ୟାଳୟରେ ଚାଷୀ ବୈଜ୍ଞାନିକ ସମନ୍ୱୟ ବୈଠକ

ସୋର, (ନି.ପ୍ର.) ସୋର କୃଷି କାର୍ଯ୍ୟାଳୟରେ ଚାଷୀ ଓ ବୈଜ୍ଞାନିକଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ ବୈଠକରେ ସୋର ଓ ବାହାନଗା ବ୍ଲକର ପ୍ରାୟ ୨୫ ଜଣ ଚାଷୀ ଭାଗ ନେଇଥିଲେ । ଉକ୍ତ ବୈଠକରେ ଧାନ ଚାଷ, ପନିପରିବା ଚାଷ, ମାଛ ଚାଷରେ ବୈଜ୍ଞାନିକ ଉପାୟରେ ଚାଷୀ ମାନେ କିପରି ଚାଷ କରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ଚାଷୀମାନଙ୍କୁ ଉଚିତ ପରାମର୍ଶ ଦିଆଯାଇଥିଲା । ଉକ୍ତ ବୈଠକରେ ଆତ୍ମାର ଚେୟାରମ୍ୟାନ ଅଜୟ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବାସୁଦେବ ଶତପଥୀ,ସୋର ବ୍ଲକ କୃଷି ଅଧିକାରୀଣୀ ରଞ୍ଜିତା ଟୁଡୁ,ବ୍ଲକ ବୈଷୟିକ ପରିଚାଳିକା ଆଦ୍ୟାଶକ୍ତି ସାମଲ, ଅତିରିକ୍ତ ବୈଷୟିକ ପରିଚାଳକ ସୁବାସ ଚନ୍ଦ୍ର ଦୀକ୍ଷିତ,କୃଷି ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏହି ସମୟରେ କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲର ବୈଜ୍ଞାନିକ ଡ଼ଃ ସଞ୍ଜୟ କୁମାର ମହାନ୍ତି, ଡ. ବିଜୟଲକ୍ଷ୍ମୀ ମହାନ୍ତି ଚାଷୀମାନଙ୍କୁ ଚାଷରେ ବୈଜ୍ଞାନିକ ପଦ୍ଧତିରେ ଉପକାରିତା ବିଷୟରେ ଅବଗତ କରାଇଥିଲେ ।

# ଖଞ୍ଜାମାହାଲ ଖାନାନରେ ବ୍ଲାଷ୍ଟିଂ ପୂର୍ବରୁ ଖଣି ବିଭାଗର ଚଢ଼ାଉ

ସୋର,(ନି.ପ୍ର.) ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଂଚାୟତ ଖଞ୍ଜାମାହାଲ ପଥର ଖାଦାନ ବର୍ଷ ବର୍ଷ ଧରି ଲୁଟ୍ ହୋଇଚାଲିଛି । ଫଳରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର । ସୋର ତହସିଲ ଅଧୀନ ଖଞ୍ଜାମହାଲ ୩୯ ନମ୍ବରଖାଦାନର ପାହାଡ଼ ଫଟାଇବାକୁ ବିସ୍ଫୋରକ ଖଞ୍ଜିଥିଲେ ପଥର ମାଫିଆମାନେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣି ବିଭାଗ ଓ ତହସିଲ ପକ୍ଷରୁ ଅଚନାକ ଚଢ଼ଉ କରାଯାଇଥିଲା । ଏହି ସମୟରେ ବିପୁଳ ବିସ୍ଫୋରକ ଜବତ କରାଯାଇଥିବା ବେଳେ ମାଫିଆମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲେ । ସେହିପରି ୪୩ ନମ୍ବର ଖାଦାନରୁ ବେଆଇନ୍ ପଥର ଉତୋଳନ କରୁଥିବା ଏକ ପୋକ୍ ?ଲିନ୍ ମେସିନ୍ ୮୦ ଫୁଟ୍ ତଳକୁ ଖସିପଡ଼ିଥିଲା । ସୌଭାଗ୍ୟ ବସତଃ ମେସିନ୍ ଚାଳକ ଅଳ୍ପକେ ବର୍ତି ଯାଇଛନ୍ତି । ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ଉକ୍ତ ପୋକ୍ ?ଲିନ୍ ମେସିନ୍ ଜବତ କରିଛନ୍ତି । ସେହିପରି ଓଡି-୦୧ବିସି- ୯୫୦୫ ନମ୍ବର ବିଶିଷ୍ଟ ଏକ ପଥର ବୋଝେଇ ଡମ୍ପରକୁ ମଧ୍ୟ ଜବତ କରାଯାଇଛି । ଏଠାରେ ପଥର ମାଫିଆ ସକ୍ରିୟ ହୋଇ ପଡ଼ିଥିବାରୁ ପୂର୍ବରୁ ବସିଥିବା ପୁଲିସ କ୍ୟାମ୍ପକୁ ପୁଣି କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି ହେଉଛି ।

# ସାପ କାମୁଡ଼ାରେ ଶିଶୁପତ୍ରର ମୃତ୍ୟୁ

ସୋର, (ନି.ପ୍ର.)ସକାଳେ ଏକ ଦୁଃଖଦାୟକ ଖବର ସାପ କାମୁଡ଼ାରେ ଅଢେଇ ବର୍ଷର ଶିଶୁପୁତ୍ର ମୃତ୍ୟୁ । ଘଟଣା ଘଟିଛି ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଂଚାୟତ ବରଗିଡି ( କ୍ଷୀରିପଦା ) ଗ୍ରାମର ଶଶିକାନ୍ତ ମଳିକଙ୍କ ପୁଅ ଓମ୍ ?କାର ମଳିକ(୨ ବର୍ଷ ୬ମାସ) ଗତକାଲି ସୋମବାର ରାତି ୧୨ ଟାରେ ଶୋଇଥିବା ବେଳେ ଏକ ବିଷଧର ସାପକୁ ବିଛଣାରେ ଦେଖିବାକୁ ପାଇଥିଲେ । ପରେ ପିଲାର ଅବସ୍ଥା ସଂକଟାପନ୍ନ ହେବାରୁ ସୋର ମେଡିକାଲ କୁ ନେଇଥିଲେ କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି ।

# 'ଝିଅ ଓ ପୁଅଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ, ସମାନ ସୁଯୋଗ ଦିଅନ୍ତୁ' : ଅତିରିକ୍ତ ଜିଲ୍ଲାପାଳ

ବ୍ରହ୍ମପୁର /ଛତ୍ରପୁର(ନି.ପ୍ର.): ଯୌତୁକ ଭଳି ଏକ ସାମାଜିକ ବ୍ୟାଧିର ମୂଳୋତ୍ପାଟନ ପାଇଁ କେବଳ ଆଇନର କଡ଼ା କାର୍ଯ୍ୟାନ୍ୱୟନ ଯଥେଷ୍ଟ ନୁହେଁ; ସମାଜର ମାନସିକତାରେ ପରିବର୍ତନ ଆସିବା ନିତାନ୍ତ ଆବଶ୍ୟକ ବୋଲି ଯୌତୁକ ନିରୋଧ ଆଇନ, ୧୯୬୧ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି ।ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଜଉଗଡ଼ା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଯୌତୁକ ନିରୋଧ ଆଇନର ବିଭିନ୍ନ ବ୍ୟବସ୍ଥା, ଯୌତୁକ ସମ୍ପର୍କିତ ଅଭିଯୋଗ ଦାଖଲ ପ୍ରକ୍ରିୟା, ପୁଲିସର ଭୂମିକା, ମହିଳାଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ଏବଂ ଯୌତୁକ ବିରୋଧୀ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ କହିଥିଲେ ଯେ, ଆଜିର ଦିନରେ ଝିଅମାନେ ପୁଅମାନଙ୍କ ସହ ସମାନ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ତେଣୁ ଝିଅ ଓ ପୁଅଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ବିଶେଷ କରି ଗ୍ରାମାଂଚଳର ଝିଅମାନଙ୍କୁ ମଧ୍ୟ ପୁଅମାନଙ୍କ ଭଳି



ସମାନ ସୁଯୋଗ ପ୍ରଦାନ କରିବା ଆବଶ୍ୟକ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ପାତ୍ର କହିଥିଲେ ଯେ, ଘରୋଇ ହିଂସା ଓ ଯୌତୁକ ନିର୍ଯାତନା ପରସ୍ପର ସହ ଜଡ଼ିତ ବିଷୟ । ତେଣୁ ଯୌତୁକ ବିରୋଧୀ ଆଇନ ସମ୍ପର୍କରେ ସଚେତନତା ସହ ଘରୋଇ ହିଂସା ବିରୋଧରେ ମଧ୍ୟ ସଚେତନତା ଓ ଆବଶ୍ୟକ ଆଇନଗତ ପଦକ୍ଷେପ ଉପରେ ଗୁରୁତ୍ୱ ଦେବା ଦରକାର । ଆଇନଜୀବୀ ଶ୍ରୀ ଟି. କେ. ରେଡ୍ଡୀ ଯୌତୁକ ନିରୋଧ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ ଯେ, କେତେକ ମାମଲାରେ ଯୌତୁକ ସମ୍ପର୍କିତ ଅଭିଯୋଗ ମିଥ୍ୟା କିମ୍ବା ଭିତିହୀନ ଭାବେ ଦାଖଲ ହେଉଥିବା ଦେଖାଯାଏ । ତେବେ ଏଭଳି ଘଟଣା ଯୋଗୁଁ ଆଇନର ଉଦ୍ଦେଶ୍ୟ ଓ ଗୁରୁତ୍ୱ କମିଯାଏ ନାହିଁ । ଆଇନ ସମାଜରେ ସମାନତା ଓ ସନ୍ତୁଳନ ସ୍ଥାପନ ପାଇଁ ରହିଛି । ଆଇନର ସଠିକ୍ ? ବ୍ୟବହାର ସହ ଯୌତୁକ ପ୍ରଥା ରୋକିବା ପାଇଁ ପ୍ରତିଷେଧମୂଳକ ପଦକ୍ଷେପ ନେବା ଅଧିକ ଫଳପ୍ରଦ ବୋଲି ସେ ମତ ଦେଇଥିଲେ ।ପ୍ରଶିକ୍ଷଣରେ ଯୌତୁକ ଦେବା, ନେବା କିମ୍ବା ଦାବି କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସ୍ପଷ୍ଟ କରାଯାଇଥିଲା ।ଯୌତୁକ ସମ୍ପର୍କିତ ଅଭିଯୋଗ କିମ୍ବା ଆବଶ୍ୟକ ସହାୟତା ପାଇଁ ମହିଳା ହେଲ୍ପଲାଇନ୍ ? ୧୮୧ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ପ୍ରଶିକ୍ଷଣରେ କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସି. ଏଚ. ଜ୍ୟୋତି କୁମାରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ, ଛତ୍ରପୁର ଡା. ଅଲେଖ ପ୍ରଧାନ, ପ୍ରକଳ୍ପ ଅଧିକାରିଣୀ ଡି. ନାଗରତ୍ନମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଉପେନ୍ଦ୍ର ବେହେରା, ଗୀତାଞ୍ଜଳି ମହାରଣା, ସମୀର କୁମାର ପାତ୍ର, କର୍ମଚାରୀ ଓ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ ।

# ମନମୋହନ ସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପରେଡ୍ ରିହର୍ସଲ ଆରମ୍ଭ

ଝାରସୁଗୁଡ଼ା(ନି.ପ୍ର.) ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍ ରିହର୍ସଲ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ମହାସମାରୋହକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ମୋଟ ୩ ଦିନ ଧରି ଏହି ଅଭ୍ୟାସ କାର୍ଯ୍ୟକ୍ରମ ଜାରି ରହିବ । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ପରେଡ୍ ?ରେ ପୋଲିସର ବିଭିନ୍ନ ପ୍ଲାଟୁନ୍ ସମେତ ବିଭିନ୍ନ ବିଦ୍ୟାଳୟର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ସମୁଦାୟ ୩୦ଟି ପ୍ଲାଟୁନ୍ ? ଭାଗ ନେଉଛନ୍ତି । ଏହାସହ ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ସହିତ ବିଭିନ୍ନ ସ୍କୁଲ ମଧ୍ୟ ନିଜର ଶ୍ରେଷ୍ଠ କଳା



ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ଜିଲ୍ଲାସ୍ତରୀୟ ପରେଡ୍ ସମାରୋହକୁ ପୋଲିସ ଆର.ଆଇ. ଅନୀଲ କୁମାର ମୁଖୀ ନେତୃତ୍ୱ ନେଉଥିବା ବେଳେ ସେକେଣ୍ଡ ଇନ୍ କମାଣ୍ଡ ଭାବେ ଅଶ୍ୱିନୀ କୁମାର ମାଝୀ ପରିଚାଳନା କରୁଛନ୍ତି । ପରେଡ୍ ?କୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ସ୍କୁଲର ପି.ଇ.ଟି. ଶିକ୍ଷକ, ଏନ୍.ସି.ସି. ଶିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିଆରସିଂହ, ବିଭାଗୀୟ କର୍ମଚାରୀ ନିହାଲ ଭୋଇ, ରବୀନ୍ଦ୍ର ନିଆଲ, ମନବୋଧ ବଗର୍ତୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଧାର୍ଯ୍ୟ ସୂଚୀ ଅନୁସାରେ, ଅଗଷ୍ଟ ୧୨ ତାରିଖ ଅପରାହ୍ନ ୩ଟାରୁ ପରେଡ୍ ଅଭ୍ୟାସ ଜାରି ରହିବ ଏବଂ ଅଗଷ୍ଟ ୧୩ ତାରିଖ ସକାଳ ୯ଟାରେ ଶେଷ ତଥା ଚୂଡ଼ାନ୍ତ ରିହର୍ସଲ ଅନୁଷ୍ଠିତ ହେବ । ଆସନ୍ତା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ସମାରୋହ ଅବସରରେ ପରେଡ୍ ?ରେ ଭାଗ ନେଇଥିବା ଶ୍ରେଷ୍ଠ କନିଷ୍ଠ, ବରିଷ୍ଠ ଓ ଅନ୍ୟାନ୍ୟ ବର୍ଗର ପ୍ଲାଟୁନ୍ ?ଗୁଡ଼ିକୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କୃତ ଓ ସମ୍ମାନିତ କରାଯିବ ।

# ଓଁ ନମଃ ଶିବାୟ ସେବା ସମିତି ଓ ସଫଳ ଏକାଡ଼େମୀର ଛାତ୍ରଛାତ୍ରୀଙ୍କର କାଉଡ଼ିଆଙ୍କ ପାଇଁ ସେବାକାର୍ଯ୍ୟ



ନୀଳଗିରି (ନି.ପ୍ର.) ଦୀର୍ଘ ୨୬ ବର୍ଷ ଧରି ଶିବଭକ୍ତ କାଉଡ଼ିଆଙ୍କ ପାଇଁ ଓଃ ନମଃ ଶିବାୟ ସେବା ସମିତି ସେବା ଯୋଗାଇ ଆସୁଛନ୍ତି । ନୀଳଗିରି ବସଷ୍ଟାଣ୍ଡ ପାଖରେ ଏବର୍ଷ ଶ୍ରାବଣ ମାସ ପାଇଁ ଜଳଭାର ରଖିବା ପାଇଁ , ଜଳଭାର ରଖିବା ପାଇଁ ଭାଡ଼ା, ଜଳପାନ, ମିଷ୍ଟାନ୍ନ ଓ ବିଭିନ୍ନ ସେବାକାର୍ଯ୍ୟ, ଗୋଡ଼, ହାତ ଶୌଚ ପାଇଁ ତଥା ଗାଧୁଆ ପାଇଁ ଡାକ୍ତର ଫାଷ୍ଟେଡ୍ ସେବା ସଫଳ ଏକାଡ଼େମୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ସବିତା ସାହୁ, ସାଂସଦଙ୍କର ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ ଓ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନେ ଏହି ସେବାକାର୍ଯ୍ୟ ଉଦ୍‌ଘାଟନରେ ଯୋଗଦାନ କରିଥିଲେ । ଓଃ ନମଃ ଶିବାୟ ସେବା ସମିତିର ସଂଯୋଜକ ସଂଜୟ ମହାପାତ୍ର, ଉପଦେଷ୍ଟା ଗୋବିନ୍ଦ ଦାସ, ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ସଭାପତି ଭାସ୍କର ପଣ୍ଡା, ସାଧାରଣ ସମ୍ପାଦକ ରାଜେନ୍ଦ୍ର ରାଉତ ଓ କୋଷାଧ୍ୟକ୍ଷ ଅଶିତ କୁମାର ମହାନ୍ତି ସେବରେ ସହାୟତା କରିଥିଲେ । ବାଲେଶ୍ୱରର ସଫଳ ଏକାଡ଼େମୀର ନିର୍ଦ୍ଦେଶକ ଡଃ ଦୁଲାଲ ପ୍ରସାଦ ପାଲ ଓ ସଫଳ ଏକାଡ଼େମୀର ଛାତ୍ରଛାତ୍ରୀମାନେ ଏହି ମହତ୍ ସେବା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ଏବଂ ଶିକ୍ଷକ ସରୋଜ ସାର୍ ଓ ସୁବ୍ରତ ସାର ପିଲାମାନଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ । ଜନସାଧାରଣ ଓ ଶିବଭକ୍ତମାନେ ଏହି ସେବାକାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।




# ଆଜି ମହାପ୍ରଭୁଙ୍କ ଚିତାଲାଗି ନୀତି ସର୍ବସାଧାରଣଙ୍କ ପାଇଁ ୫ ଘଂଟା ଦର୍ଶନ ବନ୍ଦ



ପୁରୀ : ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତାଲାଗି ନୀତି । ଏଥିପାଇଁ ପାଂଚ ଘଂଟା ବନ୍ଦ ରହିବ ଭକ୍ତଙ୍କ ପାଇଁ ଦର୍ଶନ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥି । ଏହି ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ପାଂଚ ଘଂଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଅପରାହ୍ନ ୨ ଟାରୁ ସନ୍ଧ୍ୟା ୭ ଟା ଯାଏଁ ବନ୍ଦ ରହିବ ଦର୍ଶନ । ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିବ । ସନ୍ଧ୍ୟା ୭ଟା ପରେ ଭକ୍ତମାନେ ଶ୍ରୀ ଜୀଉଙ୍କ ଦର୍ଶନ କରିପାରିବେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।

# ଆଗାମୀ ୭ ଦିନ ମଧ୍ୟରେ ରାଜ୍ୟର ବର୍ଷା ସମ୍ଭାବନା



ଭୁବନେଶ୍ୱର : ଆଗାମୀ ୭ ଦିନ ଅର୍ଥାତ୍ ୧୧ ତାରିଖ ସକାଳ ଠାରୁ ଆସନ୍ତା ୧୮ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।






# ଆଜି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମକଥାର ବିମୋଚନ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ବିଜ୍ଞାନ ଭବନରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମକଥା 'ଟ୍ରାୟମ୍ଫ ଅଫ ଦ ଇଣ୍ଡିଆନ ରିପବ୍ଲିକ: ମାଇ ଲାଇଫ, ମାଇ ଷ୍ଟ୍ରଗଲ୍ସ'ର ବିମୋଚନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସଭାକୁ ସମ୍ବୋଧିତ ମଧ କରିବେ । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ମଙ୍ଗଳବାର ଏକ ବିବୃତିରେ କହିଛି ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଆତ୍ମକଥାର ବିମୋଚନ ଭାରତର ଜଣେ ଅତ୍ୟନ୍ତ ପ୍ରତିଷ୍ଠିତ ସାର୍ବଜନୀନ ବ୍ୟକ୍ତିତ୍ୱଙ୍କ ଜୀବନ ଏବଂ ତାଙ୍କ ଅବଦାନକୁ ପାଳନ କରିବାର ଏକ ବିଶେଷ ସୁଯୋଗ ହେବ । ଏହି ଆତ୍ମକଥା ରାମନାଥ କୋବିନ୍ଦଙ୍କ ଜୀବନ, ସଂଘର୍ଷ ଏବଂ ସଫଳତାର ବ୍ୟକ୍ତିଗତ ଯାତ୍ରାକୁ ସାମ୍ନାକୁ ଆଣିଛି । ପୁସ୍ତକରେ ତାଙ୍କ ପ୍ରାରମ୍ଭିକ ଜୀବନଠାରୁ ଆରମ୍ଭ କରି ତାଙ୍କ ସାର୍ବଜନୀନ ଜୀବନ ଏବଂ ଦେଶର ୧୪ତମ ରାଷ୍ଟ୍ରପତି ଭାବେ ତାଙ୍କ ସେବା ପର୍ଯ୍ୟନ୍ତର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟଗୁଡ଼ିକର ଉଲ୍ଲେଖ କରାଯାଇଛି । ଆତ୍ମକଥାରେ କୋବିନ୍ଦଙ୍କ ଜୀବନକୁ ଆକାର ଦେଇଥିବା ମୂଲ୍ୟବୋଧ, ଅନୁଭବ ଏବଂ ପରିସ୍ଥିତି ଉପରେ ମଧ ଆଲୋକପାତ କରାଯାଇଛି । ଏହି ପୁସ୍ତକ ତାଙ୍କ ସାର୍ବଜନୀନ ଜୀବନ ଏବଂ ଦେଶର ସେବା ସମୟରେ ହାସଲ କରିଥିବା ଅନୁଭବଗୁଡ଼ିକର ଏକ ବ୍ୟକ୍ତିଗତ ଦୃଷ୍ଟିକୋଣ ପ୍ରଦାନ କରେ ।

# ପ୍ରତ୍ୟେକ ନିଖୋଜ ବ୍ୟକ୍ତିଙ୍କ ପାଇଁ ଏତଲା ରୁଜୁ କରିବା ବାଧ୍ୟତାମୂଳକ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଯେକୌଣସି ବ୍ୟକ୍ତି ନିଖୋଜ ହେବା ମାତ୍ରେ ତୁରନ୍ତ ଏତଲା ରୁଜୁ କରିବାପାଇଁ ଆଜି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । କିଛି ରାଜ୍ୟ ଏସଂକ୍ରାନ୍ତରେ ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ କେବଳ ନିଖୋଜ ଶିଶୁଙ୍କ କ୍ଷେତ୍ରରେ ଲାଗୁ ବୋଲି ଭାବିଥିବା ଜାଣି କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ନିଖୋଜ ବ୍ୟକ୍ତି, ମାନବ ଚାଲାଣ ଏବଂ ପୀଡ଼ିତଙ୍କୁ ଉଦ୍ଧାର ଓ ପୁନଃ ଥଇଥାନ ପାଇଁ ସମଗ୍ର ଭାରତରେ ଏକ ସମନ୍ୱିତ ବ୍ୟବସ୍ଥା ପ୍ରତିଷ୍ଠା କରିବା ଦିଗରେ ଚାଲିଥିବା ପ୍ରକ୍ରିୟାର ଅଂଶ ଭାବେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ମେ' ୨୨ ତାରିଖରେ କୋର୍ଟ ଏନେଇ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହା ପାଳନ କରିବାରେ ବିଫଳ ହୋଇଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ମୁଖ୍ୟ ସଚିବ ଏବଂ ପୁଲିସ୍ ମହାନିର୍ଦ୍ଦେଶକଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ଏବଂ ସେମାନଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ ଏହି ତ୍ରୁଟି ଉପରେ ଜବାବ ରଖିବାକୁ ପଡ଼ିବ । ନିଖୋଜ ବ୍ୟକ୍ତିଙ୍କ ମାମଲାରେ କୋର୍ଟ ଗତ ୫ ତାରିଖରେ ଏହି ରାୟ ଦେଇଥିଲେ ଯାହା ସୋମବାର ପ୍ରକାଶ ପାଇଛି । ରାୟରେ ଖଣ୍ଡପୀଠ କହିଛନ୍ତି, କିଛି



ରାଜ୍ୟ ଭାବିଛନ୍ତି ଯେ 'ବ୍ୟକ୍ତି' ଶବ୍ଦ କେବଳ ଶିଶୁଙ୍କୁ ବୁଝାଏ ଏବଂ ବୟସ୍କଙ୍କୁ ନୁହେଁ । ଏପରି ରାଜ୍ୟଗୁଡ଼ିକ ଜାଣିଶୁଣି ଓ ଦୁର୍ଭାବନାପୂର୍ଣ୍ଣ ଭାବେ ଏହି ଭ୍ରାନ୍ତି ସୃଷ୍ଟି କରିଛନ୍ତି । ପୂର୍ବ ନିର୍ଦ୍ଦେଶରେ କୌଣସି ଅସ୍ୱଷ୍ଟତା ନଥିବା ସ୍ପଷ୍ଟ କରି ଖଣ୍ଡପୀଠ କହିଛନ୍ତି, 'ଆମର ପୂର୍ବ ଆଦେଶର ଭାଷା ସ୍ପଷ୍ଟ ଏବଂ ଏଥିରେ କୌଣସି ଅସ୍ୱଷ୍ଟତା ନାହିଁ । 'ବ୍ୟକ୍ତି' ଶବ୍ଦର ଅର୍ଥ ହେଉଛି ବୟସ କିମ୍ବା ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି । ଯଦି କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳ ମେ' ୨୨ ତାରିଖର ଆଦେଶକୁ 'ଏହାର ପ୍ରକୃତ ଅର୍ଥ ଓ ଉଦ୍ଦେଶ୍ୟ' ଅନୁଯାୟୀ ପାଳନ କରିନଥାଏ, ତେବେ ସମ୍ପୃକ୍ତ ମୁଖ୍ୟ ସଚିବ ଓ ଡିଜିପିଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦୁଇ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ, ସେମାନଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ମାମଲା ଚାଲିବ ନାହିଁ ଏବଂ ଜାଣିଶୁଣି ଅବଜ୍ଞା ଓ ଆଦେଶ ଅନୁପାଳନ ନକରିବା ପାଇଁ କାହିଁକି ଦଣ୍ଡ ଦିଆଯିବ ନାହିଁ, ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ । ଉଲ୍ଲେଖଯୋଗ୍ୟ ସୁପ୍ରିମକୋର୍ଟଙ୍କ ମେ' ୨୨ ତାରିଖ ନିର୍ଦ୍ଦେଶ ଅନୁଯାୟୀ କୌଣସି ବ୍ୟକ୍ତି ନିଖୋଜ ହୋଇଥିବା ସୂଚନା ମିଳିଲେ ସମସ୍ତ ରାଜ୍ୟକୁ ଏତଲା ରୁଜୁ କରିବାକୁ ପଡ଼ିବ । କୋର୍ଟ ସ୍ପଷ୍ଟ ଭାବେ ପ୍ରତ୍ୟେକ ଥାନାକୁ ନିର୍ଦ୍ଦେଶ ଦେଇଥିଲେ ଯେ, 'କୌଣସି ବ୍ୟକ୍ତି ନିଖୋଜ'ସୂଚନା ମିଳିବାମାତ୍ରେ ତୁରନ୍ତ ଏତଲା ରୁଜୁ କରାଯିବ । ପ୍ରାଥମିକ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ କିମ୍ବା ପରିବାରକୁ ପ୍ରଥମେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାକୁ କହି ଅପେକ୍ଷା କରାଯିବ ନାହିଁ । ନିଖୋଜ ବ୍ୟକ୍ତି, ମାନବ ଚାଲାଣ ଏବଂ ପୀଡ଼ିତଙ୍କୁ ଉଦ୍ଧାର ଓ ପୁନଃସ୍ଥାପନ ପାଇଁ ସମଗ୍ର ଭାରତରେ ଏକ ସମନ୍ୱିତ ବ୍ୟବସ୍ଥା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଚାଲିଥିବା ପ୍ରକ୍ରିୟାର ଅଂଶ ଭାବେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ । କୋର୍ଟ କହିଥିଲେ ଯେ, ଜଣେ ବ୍ୟକ୍ତି ନିଖୋଜ ହେବା ପରେ ପ୍ରଥମ କିଛି ଘଂଟାକୁ 'ସୁବର୍ଣ୍ଣ ସମୟ' କୁହାଯାଏ, କାରଣ ଏହି ସମୟ ମଧ୍ୟରେ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଖୋଜି ପାଇବାର ସମ୍ଭାବନା ସର୍ବାଧିକ ଥାଏ । ତେଣୁ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ପୁଲିସ ୨୪ ଘଂଟା ଅପେକ୍ଷା କରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମେ' ୨୨ ତାରିଖର ଆଦେଶରେ କୋର୍ଟ କହିଥିଲେ ଯଦି ନିଖୋଜ ବ୍ୟକ୍ତିଙ୍କ ମାମଲାରେ ମାନବ ଚାଲାଣ ହୋଇଥିବା ନେଇ ପୁଲିସ୍ ପାଖରେ ପର୍ଯ୍ୟାପ୍ତ କାରଣ ଥାଏ, ତେବେ ଚାରି ମାସର ସମୟସୀମା ଶେଷ ହେବାକୁ ଅପେକ୍ଷା ନକରି ମାମଲାଟିକୁ ଏକ ବିଶେଷଜ୍ଞ ୟୁନିଟ୍‌କୁ ସ୍ଥାନାନ୍ତର କରାଯିବ । ଏଥିସହ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ନିଜ ନିଜର'ମାନବ ଚାଲାଣ ବିରୋଧୀ ଶାଖା'କୁ ଚାରି ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

# ୧୮ଟି ସହରରେ ସହରାଂଚଳ ବନ୍ୟା ପରିଚାଳନା ପାଇଁ ୫,୫୨୦ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ : କେନ୍ଦ୍ର ସରକାର ସହରାଂଚଳ ବନ୍ୟା ବିପଦ ପରିଚାଳନା କାର୍ଯ୍ୟକ୍ରମ(ୟୁ.ଏଫ୍.ଆର୍.ଏମ୍.ପି.) ଅଧୀନରେ ଦେଶର ୧୮ଟି ସହରରେ ସହରାଂଚଳ ବନ୍ୟା ବିପଦ ହ୍ରାସ କରିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ମୋଟ ୫,୫୨୦.୦୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମଙ୍ଗଳବାର ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ସୂଚନା ଦେଇଛନ୍ତି । ସେ ସୂଚନା ଦେଇଥିଲେ ଯେ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ମୁମ୍ବାଇ ଏବଂ ପୁଣେ ସମେତ ସାତଟି ସହର ପାଇଁ ୩,୦୭୫.୬୫ କୋଟି ଟଙ୍କା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଭୋପାଳ, ଭୁବନେଶ୍ୱର, ଗୌହାଟୀ, ଜୟପୁର, କାନପୁର, ପାଟନା, ରାୟପୁର, ଥିରୁବନନ୍ତପୁରମ, ବିଶାଖାପାଟଣା, ଇନ୍ଦୋର ଏବଂ ଲକ୍ଷ୍ନୌ ସମେତ ୧୧ଟି ସହର ପାଇଁ ୨,୪୪୪.୪୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍.ଡି.ଏମ୍.ଏଫ୍.)ରୁ କେନ୍ଦ୍ରୀୟ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଅହମ୍ମଦାବାଦ ପାଇଁ ୨୪୩.୯୦ କୋଟି ଟଙ୍କା, ବେଙ୍ଗାଲୁରୁ ପାଇଁ ୨୩୮.୭୨ କୋଟି ଟଙ୍କା, ଚେନ୍ନାଇ ପାଇଁ ୫୦୦ କୋଟି ଟଙ୍କା, ହାଇଦ୍ରାବାଦ ପାଇଁ ୨୫୦ କୋଟି ଟଙ୍କା, କୋଲକାତା ପାଇଁ ୫୦୦ କୋଟି ଟଙ୍କା, ମୁମ୍ବାଇ ପାଇଁ ୫୦୦ କୋଟି ଟଙ୍କା ଏବଂ ପୁଣେ ପାଇଁ ୨୫୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ସହର ପାଇଁ ୧୮୦ ରୁ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ମଞ୍ଜୁର କରାଯାଇଛି । ଏଥିମଧ୍ୟରୁ ୧୮୦ କୋଟି ଟଙ୍କା ଗୌହାଟୀ ପାଇଁ ମଞ୍ଜୁର କରାଯାଇଛି, ଯେଉଁଥିରୁ ୫୪ କୋଟି ଟଙ୍କା ଜାରି କରାଯାଇଛି । ଅନ୍ୟ ସହରଗୁଡ଼ିକ ପାଇଁ କେନ୍ଦ୍ରୀୟ ପାଣ୍ଠି ଏପର୍ଯ୍ୟନ୍ତ ଜାରି କରାଯାଇ ନାହିଁ । ସରକାରଙ୍କ କହିବା ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକ ସହରଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବ, ବନ୍ୟା ଏବଂ ଜଳାବଦ୍ଧତା ହ୍ରାସ କରିବ, ସଡ଼କ ସଂଯୋଗ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବ ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବଲାଙ୍ଗିରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ଅତୁଳନୀୟ ବଳିଦାନକୁ ସ୍ମରଣ କରିଥିଲେ । କାର୍ଯ୍ୟକ୍ରମରେ ଦେଶର ଏକତା, ଅଖଣ୍ଡତା ଓ ପ୍ରଗତିରେ ଯୁବପିଢ଼ିଙ୍କ ସହ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମନ୍ତ୍ରୀ ମହାଲିଙ୍ଗ ଆଲୋକପାତ କରିଥିଲେ । 'ହର ଘର ତ୍ରିରଙ୍ଗା' ଅଭିଯାନ ମାଧ୍ୟମରେ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ସ୍ୱାଧୀନତା ସଂଗ୍ରାମର ମହାନ ଆଦର୍ଶକୁ ଜନମାନସରେ ଆହୁରି ସୁଦୃଢ଼ କରିବାକୁ ସେ ଆହ୍ୱାନ



ଦେଇଥିଲେ । ଏହି ଅବସରରେ 'ବନ୍ଦେ ମାତରମ୍'ର ଦେଶାତ୍ମବୋଧକ ଧ୍ୱନି ପରିବେଶକୁ ଦେଶପ୍ରେମରେ ଭରି ଦେଇଥିଲା । ସ୍ୱାଧୀନତା ସଂଗ୍ରାମର ଅମର ଗାଥା ଓ ଦେଶଭକ୍ତିର ଏହି ମନ୍ତ୍ର ଆଜି ମଧ ଦେଶବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବା ସହ ଦେଶ ପ୍ରତି ସମର୍ପଣର ପ୍ରେରଣା ଯୋଗାଇଥାଏ ବୋଲି ମନ୍ତ୍ରୀ କହିଥିଲେ । ମନ୍ତ୍ରୀ ଡ. ମହାଲିଙ୍ଗ ରାଜ୍ୟବାସୀଙ୍କୁ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ଘରେ ଘରେ ଗର୍ବ ଓ ଗୌରବର ସହ ଜାତୀୟ ପତାକା ଉତୋଳନ କରି ଭାରତମାତା ପ୍ରତି ସମ୍ମାନ ଜଣାଇବାକୁ ସେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ , ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସ୍ୱତନ୍ତ୍ର ବିକାଶ ପରିଷଦର ଚେୟାରମ୍ୟାନ ବଲ୍ଲଭ ଧାରୁଆଙ୍କ ସମେତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ ।

## ବିଜ୍ଞାନଭିତିକ ଅଭିବୃଦ୍ଧିରେ ଓଡ଼ିଶାର ବିରଳ ମୃତିକା

# ସାମୁଦ୍ରିକ ଜୈବପ୍ରଯୁକ୍ତି ଓ ମହାକାଶ କ୍ଷମତା ଖୋଲିବ ନୂଆ ସୁଯୋଗ: ଡ. ଜିତେନ୍ଦ୍ର ସିଂହ

ନୂଆଦିଲ୍ଲୀ : କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ମୃତିକା ବିଜ୍ଞାନ ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, କାର୍ମିକ, ସାଧାରଣ ଅଭିଯୋଗ, ପେନସନ, ପରମାଣୁ ଶକ୍ତି ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଡ. ଜିତେନ୍ଦ୍ର ସିଂହ, ଓଡ଼ିଶା ପାଇଁ ଏକ ସମନ୍ୱିତ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି । ଏହା ଭାରତ ସରକାରଙ୍କ ପ୍ରସ୍ତାବିତ 'ବିରଳ ମୃତିକା କରିଡର', ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଓ ଉପକୂଳ ସମ୍ପଦ, ଜୈବପ୍ରଯୁକ୍ତିବିଦ୍ୟା ପରିବେଶ, ମହାକାଶ କ୍ଷମତା ଏବଂ ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକର ନେଟୱାର୍କକୁ ଏକାଠି କରିଥାଏ । ଓଡ଼ିଶାର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଡ. ଜିତେନ୍ଦ୍ର ସିଂହଙ୍କୁ ସାକ୍ଷାତ କରି ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରାଥମିକତା ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିବା ଅବସରରେ, ଡ. ସିଂହ ଏହି ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ । ଉଭୟ ସାମୁଦ୍ରିକ ଜୈବପ୍ରଯୁକ୍ତିବିଦ୍ୟାର ସମ୍ପ୍ରସାରଣ, ଜୀବ ବିଜ୍ଞାନ ଭିତିଭୂମିର ସୁଦୃଢ଼ୀକରଣ, ଓଡ଼ିଶାର ଉପକୂଳ ଓ ଖଣିଜ ସମ୍ପଦର ଅଧିକ ବିନିଯୋଗ, ମହାକାଶ ପ୍ରୟୋଗ ଓ ନିର୍ମାଣ, ବିରଳ ମୃତିକା ଅନୁସନ୍ଧାନ, ବୈଜ୍ଞାନିକ ଭିତିଭୂମି ଏବଂ ଜାତୀୟ ସାମୁଦ୍ରିକ-ପରିବେଶ ପଦକ୍ଷେପରେ ଉପକୂଳ ଜିଲ୍ଲାଗୁଡ଼ିକର ଅଂଶଗ୍ରହଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଭାରତ ସରକାରଙ୍କ ଜୈବପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଭୁବନେଶ୍ୱରର 'ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲଏସ୍)'ର ସମ୍ପ୍ରସାରଣକୁ ଚୂଡ଼ାନ୍ତ



କରାଯାଇଥିଲା । ଏଥି ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ୫୦ ଏକର ଜମି ଯୋଗାଇ ଦେବେ । ଏହି ଅବସରରେ ଡ. ଜିତେନ୍ଦ୍ର ସିଂହ କହିଛନ୍ତି ଯେ ଭାରତର ଆଗାମୀ ପରମାଣୁ ଏବଂ ସାମୁଦ୍ରିକ ରୋଡମ୍ୟାପରେ ପୂର୍ବ ଉପକୂଳବର୍ତୀ ଅଂଚଳ ଏକ ବଡ଼ ଭୂମିକା ଗ୍ରହଣ କରିପାରିବ । ବିଭିନ୍ନ କେନ୍ଦ୍ରୀୟ ବୈଜ୍ଞାନିକ ଅନୁଷ୍ଠାନର ଉପସ୍ଥିତି ଏବଂ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରଚେଷ୍ଟା ମାଧ୍ୟମରେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ସମର୍ଥ । ଏହି ଆଭିମୁଖ୍ୟର ଲକ୍ଷ୍ୟ ହେଉଛି ବ୍ୟକ୍ତିଗତ ଅନୁଷ୍ଠାନିକ ପଦକ୍ଷେପରୁ ଆଗକୁ ବଢ଼ି ସାମୁଦ୍ରିକ ସମ୍ପଦ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଜୀବ ବିଜ୍ଞାନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଯୁକ୍ତି-ଭିତିକ ଅର୍ଥନୈତିକ ବିକାଶକୁ ଯୋଡୁଥିବା ଏକ ସମ୍ମିଳିତ ପରିବେଶ ସୃଷ୍ଟି କରିବା । ଏହି ଆଲୋଚନାର ଏକ ପ୍ରମୁଖ ବିଷୟ ଥିଲା 'ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡର', ଯାହାକୁ ରାଜ୍ୟର ପ୍ରମୁଖ ଶିକ୍ଷା ଓ ଗବେଷଣା ଅନୁଷ୍ଠାନଗୁଡ଼ିକୁ ଏକାଠି ଆଣୁଥିବା ଏକ ସହଯୋଗୀ ପ୍ଲାଟଫର୍ମ ଭାବରେ ବିକଶିତ କରାଯାଉଛି ।

# ରକ୍ତଦାନ ଶିବିରରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ



ଭୁବନେଶ୍ୱର : ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ 'ସମାଜ' ପକ୍ଷରୁ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ଭବନ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଯୁବକ ସ୍ୱଇଚ୍ଛାରେ ରକ୍ତଦାନ କରି ସମାଜସେବାର ଉଦାହରଣ ସୃଷ୍ଟି କରିଥିଲେ । ରକ୍ତଦାନ ଏକ ମହତ୍ ସେବା କାର୍ଯ୍ୟ ହୋଇଥିବା ବେଳେ ଏହା ଜରୁରୀ ସମୟରେ ଅନ୍ୟ ଜଣଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥାଏ । ଏହି ଅବସରରେ ଡ. ମହାଲିଙ୍ଗ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ରକ୍ତଦାତା ଯୁବକମାନଙ୍କର ସେବା ଓ ସମର୍ପଣ ଭାବନାକୁ ପ୍ରଶଂସା କରିଥିଲେ । ସେ ଶିବିରର ଆୟୋଜନ ପାଇଁ 'ସମାଜ' କର୍ତୃପକ୍ଷଙ୍କୁ ଏବଂ ସ୍ୱଇଚ୍ଛାରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ୩ ଦିନ ପରେ ଭାରତ-ଶ୍ରୀଲଙ୍କା ଟେଷ୍ଟ ସିରିଜ



ନୂଆଦିଲ୍ଲୀ : ଶ୍ରୀଲଙ୍କା ବୋର୍ଡ ଏକାଦଶ ଓ ଭାରତ ମଧ୍ୟରେ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ ଶେଷ ହୋଇଛି । ଏହି ଅନଫିସିଆଲ ମ୍ୟାଚରେ ଭାରତ ବିଜୟ ସହ ଟେଷ୍ଟ ସିରିଜ ପାଇଁ ମନୋବଳ ବୃଦ୍ଧି କରିଛି । ଅନ୍ୟ ପଟରେ ଆହତ ସାଇ ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜ ଖାନ ଡ଼ାକରା ପାଇ ଦଳରେ ଯୋଗ ଦେଇ ସାରିଛନ୍ତି । କଲମ୍ବୋରେ ଭାରତୀୟ ଦଳ ଶେଷ ଅଭ୍ୟାସ କରି ଗଲ୍ ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଛି । ୨ ବର୍ଷ ପରେ ସରଫରାଜ ପୁଣି ଥରେ ଟେଷ୍ଟ ଦଳକୁ ଫେରିଛନ୍ତି । ମାତ୍ର ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ସମ୍ଭାବନା ନାହିଁ କହିଲେ ଭୁଲ ହେବ ନାହିଁ । ସୁଦର୍ଶନଙ୍କ ଅନୁପସ୍ଥିତି ସତ୍ୱେ ଅଭ୍ୟାସ ମ୍ୟାଚ ଜରିଆରେ ଭାରତ ଏକ ସନ୍ତୁଳିତ ତଥା ସୁଦୃଢ଼ ବ୍ୟାଟିଂ ବିଭାଗ ପ୍ରସ୍ତୁତ କରି ସାରିଥିବା ମନେ ହେଉଛି । କିନ୍ତୁ ଚୂଡ଼ାନ୍ତ ଏକାଦଶ ପ୍ରସ୍ତୁତ କରିବା ପାଇଁ ଟିମ ମ୍ୟାନେଜମେଂଟକୁ ବେଶ ପରିଶ୍ରମ କରିବାକୁ ପଡ଼ିବ । ଶ୍ରୀଲଙ୍କାର ସ୍ପିନ୍ ଉପଯୋଗୀ ପିଚ୍‌କୁ ଦେଖି ଏକାଦଶ ପ୍ରସ୍ତୁତ ହେବ । ଗଲ୍ ପ୍ରଥମ ଟେଷ୍ଟ ପୂର୍ବରୁ ଭାରତ ଏକାଦଶ ଚୟନ ପାଇଁ ବେଶ୍ ଆଲୋଚନା ଓ ପର୍ଯ୍ୟାଲୋଚନା କରିବ ।

## ନୂଆ ଫର୍ମାଟ୍‌ରେ ହକି ବିଶ୍ୱକପ୍

# ତିନି ପର୍ଯ୍ୟାୟରେ ହେବ ଖେଳ

ନୂଆଦିଲ୍ଲୀ: ଅଗଷ୍ଟ ୧୫ ତାରିଖରୁ ବେଲଜିୟମ୍ ଓ ନେଦରଲାଣ୍ଡ୍‌ସରେ ଖେଳାଯିବାକୁ ଥିବା ଏଫଆଇଏଚ୍ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ନୂଆ ଫର୍ମାଟରେ ଖେଳାଯିବ । ସମସ୍ତ ଦଳକୁ ଶେଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏହା ୩ଟି ପର୍ଯ୍ୟାୟରେ ଖେଳାଯିବ । ଏହି କାରଣରୁ ଓପନିଂ ରାଉଣ୍ଡ୍‌ରୁ ହିଁ ପଏଂଟ୍ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ଏହା ପରବର୍ତୀ ପର୍ଯ୍ୟାୟରେ ବି ହିସାବକୁ ନିଆଯିବ । ଏ ସମ୍ପର୍କରେ ଭାରତୀୟ ଦଳ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ କହିଛନ୍ତି 'ଏହା ମଜାଦାର ହେବ, ପ୍ରତି ଦଳ ପାଇଁ କ୍ୱାର୍ଟରଫାଇନାଲ୍ ଭଳି ସୁଯୋଗ ରଖିବ । ଲିଗ୍ ପର୍ଯ୍ୟାୟରୁ କେତେ ପଏଂଟ୍ ଅର୍ଜନ ହେବ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ' । କିଭଳି ସୁଯୋଗ ରଖିବ ଏହି ଫର୍ମାଟ । ମୋଟ ୧୬ ଦଳ ଅଂଶଗ୍ରହଣ



କରୁଥିବାବେଳେ ସେମାନଙ୍କୁ ୪ଟି ପୁଲ୍‌ରେ (ଏ,ବି,ସି,ଡି) ବିଭକ୍ତ କରାଯାଇଛି । ପ୍ରତି ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ସିଧାସଳଖ ଦ୍ୱିତୀୟ ରାଉଣ୍ଡ ଖେଳିବେ । ଅବଶିଷ୍ଟ ୮ ଦଳକୁ ଦୁଇଟି ପୁଲ୍ (ଜି ଓ ଏଚ୍)ରେ ବିଭକ୍ତ କରାଯିବ । ଏହି ଦଳଗୁଡ଼ିକ କ୍ଲାସିଫିକେସନ୍ ପର୍ଯ୍ୟାୟରେ ଖେଳିବେ । ଦ୍ୱିତୀୟ ପର୍ଯ୍ୟାୟରେ ପୁଲ୍ 'ଏ' ଓ 'ଡି'ର ୪ ଦଳକୁ ନେଇ 'ଇ' ଏବଂ ବି ଓ ସିର ୪ ଦଳକୁ ନେଇ ପୁଲ୍ 'ଏଫ୍' ଗଠିତ ହେବ । ପ୍ରଥମ ପର୍ଯ୍ୟାୟର ପଏଂଟ୍ ଏଠାରେ ହିସାବକୁ ନିଆଯିବ । ଏହି ପର୍ଯ୍ୟାୟରେ ପ୍ରତି ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିବେ କିନ୍ତୁ ପ୍ରଥମ ରାଉଣ୍ଡ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଆଉ ଖେଳିବେ ନାହିଁ । ତୃତୀୟ ରାଉଣ୍ଡ୍‌ରେ ପୁଲ୍ 'ଇ' ଏବଂ 'ଏଫ୍'ର ଶୀର୍ଷ ୨ ଲେଖାଏଁ ଦଳ ସେମିଫାଇନାଲ୍ ଖେଳିବେ । ତୃତୀୟ ସ୍ଥାନରେ ଥିବା ଦଳ ୫/୬ ସ୍ଥାନ ପାଇଁ ଏବଂ ଚତୁର୍ଥ ସ୍ଥାନରେ ଥିବା ଦଳ ୭/୮ ସ୍ଥାନ ପାଇଁ ଖେଳିବେ । ସେହି ଦୃଷ୍ଟିରୁ ପ୍ରଥମ ରାଉଣ୍ଡ୍‌ରେ ଅଧିକ ପଏଂଟ୍ ଅର୍ଜନ ସବୁ ଦଳ ପାଇଁ ନିର୍ଣ୍ଣାୟକ ହେବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**